ବର୍ଷ-୨୪, ସଂଖ୍ୟା-୨୧୧
ଭୁବନେଶ୍ୱର
୩୧ ଅଗଷ୍ଟ, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 211
Bhubaneswar
31 August, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ପୁଣି ଅଜୟ-ରକୁଲ ଯୋଡ଼ି

## ବୃଦ୍ଧବୃଦ୍ଧା ଓ ମହିଳାଙ୍କ ପାଇଁ ଅଲଗା ଧାଡ଼ି ବ୍ୟବସ୍ଥା

**ପୁରୀ,୩୦।୮(କେଏନଏସ):** ଶ୍ରୀମନ୍ଦିର ନାଟ ମଣ୍ଡପରେ ଏୟାର କଣ୍ଡିସନ ବ୍ୟବସ୍ଥା ହେବ। ଭକ୍ତମାନଙ୍କ ସହଜ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ। ବୃଦ୍ଧବୃଦ୍ଧା ଓ ମହିଳାଙ୍କ ପାଇଁ ଅଲଗା ଧାଡ଼ି ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ଏନେଇ ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ।

### ଶ୍ରୀମନ୍ଦିର ପରିଚାଳନା କମିଟିରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ଶ୍ରୀ ପାଢ଼ୀ କହିଛନ୍ତି, ଆଜିର ବୈଠକରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ବିସ୍ତୃତ ଆଲୋଚନା ହୋଇଛି। ନାଟ ମଣ୍ଡପରେ ଥିବା ଅଦରକାରି ସିନ୍ଦୁକ ଓ ଅଲେମିରା ଗୁଡ଼ିକୁ ବାହାର କରିଦିଆଯିବ। ପରବର୍ତ୍ତୀ ସମୟରେ ସେବାୟତଙ୍କ ସହିତ କଥା ହେଲା ପରେ ଶୃଙ୍ଖଳିତ ବ୍ୟବସ୍ଥା କରାଯିବ। ବୃଦ୍ଧ/ବୃଦ୍ଧା, ମହିଳା ଓ ଛୋଟ ପିଲାଙ୍କ ପାଇଁ ଅଲଗା ଗୋଟିଏ ଧାଡ଼ିବ୍ୟବସ୍ଥା କରାଯିବ। ପୁରୁଷମାନଙ୍କ ପାଇଁ ମଧ୍ୟ ଅଲଗା ଗୋଟିଏ ଧାଡ଼ି ବ୍ୟବସ୍ଥା କରାଯିବ। ଧାଡ଼ି କେମିତି ରହିବ ଓ ଶ୍ରଦ୍ଧାଳୁମାନେ କେମିତି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ, ତାହା ଉପରେ ଯୋଜନା ପ୍ରସ୍ତୁତ କରାଯାଉଛି। ଏହାଛଡ଼ା ନାଟ୍ୟ ମଣ୍ଡପକୁ ଏୟାରକଣ୍ଡିସନିଂ କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦନ ମିଳିଛି। ଏଏସ୍ଆଇ ସହିତ କଥା ହେଲା ପରେ ବ୍ୟବସ୍ଥା କରାଯିବ।

# ରାଜ୍ୟରେ ବଢ଼ୁଛି ସାଇବର ଅପରାଧ

ଭୁବନେଶ୍ୱର,୩୦।୮(**କେଏନଏସ**): ସାଇବର ଅପରାଧ ଓ ଠକେଇ ମାମଲା ରୋକିବା ତଥା ପ୍ରଭାବିତଙ୍କୁ ନ୍ୟାୟ ଦେବାରେ ଓଡ଼ିଶା ପୁଲିସ ଫେଲ୍ ମାରିଛି। ସାଇବର ଲୁଟେରାମାନେ ରାଜ୍ୟବାସୀଙ୍କ କଷ୍ଟ ଅର୍ଜିତ ଧନକୁ ଲୁଟିବାରେ ଲାଗିଥିଲେ ମଧ୍ୟ ଓଡ଼ିଶା ପୁଲିସ ବିଗତ ୩ବର୍ଷ ମଧ୍ୟରେ ସେଥିରୁ ମାତ୍ର ୨% ଅର୍ଥକୁ ଫେରସ୍ତ ଆଣିପାରିଛି। ୨୦୨୨ ମସିହାରେ ରାଜ୍ୟରେ ସାଇବର ଅପରାଧ ମାମଲା ୧୯୮୩ଟି ପଞ୍ଜିକୃତ ହୋଇଥିବାବେଳେ ୨୦୨୩ରେ ଏହା ୨୩୪୮କୁ ବୃଦ୍ଧି ପାଇଛି। ସେହିପରି ରାଜ୍ୟରେ ୨୦୨୩ ମସିହାରେ ମୋଟ ୧ଲକ୍ଷ ୯୯ହଜାର ୯୫୪ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ସେଥିରେ ୧୩୬୨ଟି ହତ୍ୟା, ୨୮୨୭ଟି ଦୁଷ୍କର୍ମ, ୩୭୦ଟି ଡକାୟତି, ୨୯୬୧ଟି ଲୁଣ୍ଠନ, ୧୬୮୫୧ଟି ଚୋରି, ୧୬୫୫ଟି ଦଙ୍ଗା ଓ ୬୧୯୬ଟି ପ୍ରତାରଣା ମାମଲା ରୁଜୁ ହୋଇଛି। ତେବେ ୨୦୨୨ ତୁଳନାରେ ୨୦୨୩ ମସିହାରେ ମୋଟ ୨୧୭୬୪ଟି ଅଧିକ ଧର୍ତ୍ତବ୍ୟ ଅପରାଧ ମାମଲା ପଞ୍ଜିକୃତ ହୋଇଛି ବୋଲି ଆଜି ବିଧାନସଭାରେ ଉପସ୍ଥାପିତ ଗୃହ ବିଭାଗର ଶ୍ୱେତପତ୍ର-୨୦୨୩ରୁ ଜଣାପଡ଼ିଛି।

ଶ୍ୱେତପତ୍ର ଅନୁସାରେ, ୨୦୨୩ ମସିହାରେ ମୋଟ ୨୩୪୮ଟି ସାଇବର ଅପରାଧ ମାମଲା ପଞ୍ଜିକୃତ ହୋଇଛି। ସେଥିରୁ ୨୯୧ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଥିବାବେଳେ ୧୮୭୭ଟି ମାମଲା ଏବେ ତଦନ୍ତାଧୀନ ରହିଛି। ୮୧୦ଜଣ ଅପରାଧୀଙ୍କ ମଧ୍ୟରୁ ୫୨୨ଜଣଙ୍କୁ ରାଜ୍ୟ ଭିତରୁ ଓ ବାହାରୁ ଗିରଫ କରାଯାଇଛି। ମୋଟ ୨୩୪୮ଟି



ସାଇବର ଅପରାଧ ମଧ୍ୟରୁ ୧୩୬୨ଟି ଆର୍ଥିକ ଠକେଇ ମାମଲା ପଞ୍ଜିକୃତ ହୋଇଛି। ୪୭.୭୫କୋଟି ଟଙ୍କା ସାଇବର ଠକେଇ ରାଶି ମଧ୍ୟରୁ ମାତ୍ର ୧.୫୨କୋଟି ଟଙ୍କା ଫେରସ୍ତ ଅଣାଯାଇପାରିଛି ଓ ୨.୨୭କୋଟି ଟଙ୍କା ରାଶିକୁ ସ୍ଥଗିତ ରଖିବାରେ ପୁଲିସ ସଫଳ ହୋଇଛି। ତେବେ ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ରାଜ୍ୟରେ ମୋଟ ୬୩୬୮ଟି ସାଇବର ଠକେଇ ମାମଲା ପଞ୍ଜିକୃତ ହୋଇଥିବାବେଳେ ସେଥିରୁ ୩୭୧୪ଟି ଆର୍ଥିକ ଠକେଇ ମାମଲାରେ ୧୨୨.୭୬କୋଟି ଟଙ୍କା ସାଇବର ଠକ ଲୁଟି ନେଇଛନ୍ତି। ଆଉ ଏଥିରୁ ମାତ୍ର ୨.୫୬କୋଟି ଟଙ୍କା ଫେରସ୍ତ ଆଣିବା ଓ ୩.୨୫କୋଟି ଟଙ୍କା ସ୍ଥଗିତ ରଖିବାରେ ଓଡ଼ିଶା ପୁଲିସ ସକ୍ଷମ ହୋଇପାରିଛି। ୩ବର୍ଷ ମଧ୍ୟରେ ୧୨୨.୭୬କୋଟି ଟଙ୍କା ସାଇବର ଠକେଇରେ ପୁଲିସ ମାତ୍ର ପ୍ରାୟ ୫.୮୧କୋଟି ଟଙ୍କାକୁ ସୁରକ୍ଷା ଦେଇପାରିଥିବା ଶ୍ୱେତପତ୍ରରୁ ଜଣାପଡ଼ୁଛି। ୨୦୨୨ରେ ରାଜ୍ୟରେ ମୋଟ ୧୯୮୩ଟି ସାଇବର ଅପରାଧ ମାମଲା ପଞ୍ଜିକୃତ ହୋଇଥିଲା। ଯଦିଓ ରାଜ୍ୟରେ ସାଇବର ଓ ଅର୍ଥନୀତିକ ଅପରାଧ ମକଦ୍ଦମାଗୁଡ଼ିକର ସଫଳ ତଦନ୍ତ ପାଇଁ ୧୪ଟି ସାଇବର ଓ ଅର୍ଥନୀତିକ ଅପରାଧ ଥାନା କାର୍ଯ୍ୟ କରୁଛି। ସାଇବର ଅପରାଧ ସହାୟତା କେନ୍ଦ୍ର ତଥା କଲ ସେଂଟର ୨୦୨୧ ମେରୁ କାର୍ଯ୍ୟ କରୁଛି। ଟୋଲଫ୍ରି ନମ୍ବର ୧୯୩୦କୁ କଲ୍ କରି ସହାୟତା ଯୋଗାଇ ଦିଆଯାଉଛି। ମାତ୍ର ୨୦୨୩ ମସିହା ମଧ୍ୟରେ ଏହି କଲ ସେଂଟକୁ ମୋଟ ୭୧୫୦୮ଟି କଲ୍ ଆସିଥିବାବେଳେ ସେଥିରୁ ମାତ୍ର ୩୧.୩ ପ୍ରତିଶତ କଲ୍ ସମ୍ପର୍କରେ ପୁଲିସ ପକ୍ଷରୁ ଉତ୍ତର ଦିଆଯାଇଥିବା ଜଣାପଡ଼ିଛି। କେବଳ ସେତିକି ନୁହେଁ ଏହି କଲ୍ ସେଣ୍ଟର ଖୋଲିବା ଦିନଠୁ ବିଗତ ୩ବଷ ମଧ୍ୟରେ ମୋଟ ୩.୨୨ଲକ୍ଷ କଲ୍ ଆସିଥିବାବେଳେ ସେଥିରୁ ୫୩.୫୦% କଲ୍ ଉତ୍ତର ଦିଆଯାଇଛି। ୧.୪୯ଲକ୍ଷ କଲ୍ ଉତ୍ତର ଦିଆଯାଇପାରିନାହିଁ।

୨୦୨୩ ମସିହାରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା। ଏହିବର୍ଷ ରାଜ୍ୟରେ କୌଣସି ଛାତ୍ର ଅଶାନ୍ତି ଦେଖାଯାଇନାହିଁ କିମ୍ବା ଶ୍ରମ ଓ ସେବା ସଂଗଠନଗୁଡ଼ିକ ଆଇନଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବାଭଳି କୌଣସି ବିଶେଷ ଆନ୍ଦୋଳନ କରିନାହାନ୍ତି। ତେବେ ବିଭିନ୍ନ କାରଣ ପାଇଁ ୨୦୨୩ ମସିହାରେ ପୁଲିସକୁ ମାତ୍ର ୫ଥର ଗୁଳିଚାଳନା କରିବାକୁ ପଡ଼ିଛି। ୨୦୨୩ ମସିହାରେ ରାଜ୍ୟରେ ମୋଟ ୨୩୬ଥର ରାସ୍ତାରୋକ, ୩୦ଥର ରେଳରୋକ, ୧୮୦୫ଥର ଧାରଣା, ୧୧୭୯ଥର ରାଲି, ୨୦୨୩ଥର ବିକ୍ଷୋଭ, ୧୧୭ଥର ଅନଶନ, ୮୦ଥର ବନ୍ଦ ଓ ୧୭୮ଥର ଘେରାଓ ହୋଇଥିଲା। ପୁଲିସର ଦୃଢ଼କାର୍ଯ୍ୟାନୁଷ୍ଠାନ ଯୋଗୁ କୌଣସିଠାରେ ବିଶେଷ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ।


# ଲେଖରାଙ୍କ କମାଲ



**ପ୍ୟାରିସ୍,୩୦।୮(ମହାଭାରତ):** ପ୍ୟାରିସ୍ ପାରାଲିମ୍ପିକ୍ସର ଦ୍ୱିତୀୟ ଦିନରେ ଭାରତୀୟ ସୁଟରମାନଙ୍କ ଜଲୱା ଜାରି ରହିଛି। ଅବନୀ ଲେଖରା ଏବଂ ମୋନା ଅଗ୍ରୱାଲଙ୍କ ପରେ ମନୀଷ ନରାଲ ପଦକ ଜିତିବାରେ ସଫଳ ହୋଇଛନ୍ତି। ମନୀଷ ନରୱାଲ ରୌପ୍ୟ ସହ ଭାରତକୁ ଚତୁର୍ଥ ପଦକ ଭେଟି ଦେଇଛନ୍ତି। ତାଙ୍କ ପୂର୍ବରୁ ସୁଟିଂରେ ଅବନୀ ଏବଂ ମୋନା, ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଓ ଦୌଡ଼ରେ ଭାରତକୁ ବ୍ରୋଞ୍ଜ ପଦକ ମିଳିଥିଲା।

ସ୍ୱର୍ଣ୍ଣ ପଦକ ସହ ପ୍ୟାରିସ ପାରାଲିମ୍ପିକ୍ସ ଯାତ୍ରା ଆରମ୍ଭ କରିଥିଲା। ଅବନୀ ଲେଖରା ସ୍ୱର୍ଣ୍ଣ ଜିତି ଥିବାବେଳେ ମୋନା ଅଗ୍ରୱାଲ ବ୍ରୋଞ୍ଜ ବିଜୟୀ ହୋଇଛନ୍ତି। ମହିଳା ୧୦ ମିଟର ଏୟାର ରାଇଫଲ ୧ ଇଭେଣ୍ଟରେ ଉଭୟ ଶୁଟର ପଦକ ହାସଲ କରିଛନ୍ତି । ଲେଖରା ୨୪୯.୭ ପଏଣ୍ଟସ ପାଇଥିବାବେଳେ ଦ. କୋରିଆର ୱାଇ ଲି ୨୪୬.୮ ଓ ମୋନା ଅଗ୍ରୱାଲ୍ ୨୨୮.୭ ପଏଣ୍ଟ ହାସଲ କରିଥିଲେ। ଟୋକିଓ ପାରାଲିମ୍ପିକ୍ସରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ ଅବନୀ। ପାରାଲିମ୍ପିକ୍ସରେ ଦୁଇଟି ସ୍ୱର୍ଣ୍ଣ ଜିତିବାରେ ଅବନୀ ହେଉଛନ୍ତି ପ୍ରଥମ ମହିଳା ଆଥଲେଟ। ତାଙ୍କ ପୂର୍ବରୁ କୌଣସି ମହିଳା ଆଥଲେଟ ଅଲିମ୍ପିକ୍ସରେ ଦୁଇଟି ସ୍ୱର୍ଣ୍ଣ ଜିତିନଥିଲେ।ମନୀଷ ନରୱାଲ ପରେ ପୁରୁଷ ୧୦ ମିଟର ଏୟାର ପିସ୍ତଲ ୧ ରାଇଫଲ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୨୩୪.୯ ପଏଣ୍ଟ ପାଇଛନ୍ତି। ଦ. କୋରିଆର ଜିଡେ ଜୋ ୨୩୭.୪ ପଏଣ୍ଟ ପାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଭୟ ଆଥଲେଟ ମଧ୍ୟ ମହିଳା ୧୦ ମିଟର ଏୟାର ରାଇଫଲ ୧ ପ୍ରତିଯୋଗିତାରେ ପଦକ ହାସଲ କରିଥିଲେ।। ଏହାପରେ ୧୦୦ ମିଟର ଟି୩୫ ଦୌଡ଼ପ୍ରତିଯୋଗିତାରେ ପ୍ରିତିପାଲ ବ୍ରୋଞ୍ଜ ଜିତିଥିଲେ।

# ଭୁବନେଶ୍ୱରକୁ ମିଳିବ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି



### ଗୋଠପାଟଣାରେ ୧୫୦ ଏକର ଜମିରେ ମେଗା ସ୍ପୋର୍ଟ୍ସ ଭ୍ୟାଲି

### ଆସନ୍ତା ୧୭ରେ ଭୂମିପୂଜନ କରିବେ ପ୍ରଧାନମନ୍ତ୍ରୀ

### ଖର୍ଚ୍ଚ ହେବ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା

### କଳିଙ୍ଗ ଷ୍ଟାଡିୟମଠୁ ଆହୁରି ବଡ଼ ଏବଂ ଆକର୍ଷଣୀୟ ହେବ

**ଭୁବନେଶ୍ୱର,୩୦।୮(ମହାଭାରତ):** ରାଜ୍ୟରେ ନୂଆ ସରକାର ଓଡିଶାକୁ ଗୁରୁତ୍ୱ ଦେଉଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶା ସରକାର ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି ପ୍ରତିଷ୍ଠା କରିବେ। ସୂଚନାନୁସାରେ, ଗୋଠପାଟଣା ଅଞ୍ଚଳରେ ଭୁବନେଶ୍ୱର ଉପକଣ୍ଠରେ ୧୫୦ ଏକର ଜମିରେ ଓଡିଶା ସରକାର ଏକ ମେଗା ସ୍ପୋର୍ଟ୍ସ ଭ୍ୟାଲି ନିର୍ମାଣ କରିବେ।

ଏହି ପ୍ରକଳ୍ପର ଆନୁମାନିକ ବଜେଟ୍ ୧୦୦୦ କୋଟିରୁ ଅଧିକ ହେବ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୭ ରେ ଅଲ୍ଟ୍ରା-ଆଧୁନିକ କ୍ରୀଡା ଭିତ୍ତିଭୂମିର ଭୂମି ପୂଜନ (ଭୂମି ପୂଜା) ପରିଚାଳନା କରିବେ।

ବିଭିନ୍ନ କ୍ରୀଡା ବିଭାଗ ପାଇଁ ଆଧୁନିକ ସୁବିଧା ସୁଯୋଗ ରହିବ। ଯେପରିକି ସାଇକେଲ ଚଲାଇବା ପାଇଁ ଇନଡୋର ଭେଲୋଡ୍ରୋମ, ଆମ୍ଫିଥେଟର, ପାଞ୍ଚ କିଲୋମିଟରର ଫିଟନେସ ଟ୍ରାକ, ତୀରନ୍ଦାଜ ଷ୍ଟାଡିୟମ ଏବଂ ବିଭିନ୍ନ କ୍ରୀଡା ବିଭାଗ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ କେନ୍ଦ୍ର କ୍ରୀଡା ଭ୍ୟାଲି / ଫିଟନେସ ଭ୍ୟାଲି ମଧ୍ୟରେ ନିର୍ମାଣ କରାଯିବ। ସୂଚନାନୁସାରେ, ଷ୍ଟାଡିୟମ କଳିଙ୍ଗ ଷ୍ଟାଡିୟମ ଅପେକ୍ଷା ବଡ଼ ଏବଂ ଆକର୍ଷଣୀୟ ହେବ।


ଓଡ଼ିଶା ସରକାର ଭୁବନେଶ୍ୱରର ଗୋଠପାଟଣା ଅଞ୍ଚଳରେ ଏକ କ୍ରୀଡା ଭ୍ୟାଲି କିମ୍ବା ଫିଟନେସ୍ ଉପତ୍ୟକା ସ୍ଥାପନ କରିବେ ଏବଂ ବଜେଟରେ ଏଥିପାଇଁ ଆବଣ୍ଟନ କରାଯାଇଛି। କ୍ରୀଡ଼ା ହଷ୍ଟେଲରୁ ଉତ୍କର୍ଷତା ସହିତ ବାହାରୁଥିବା କ୍ରୀଡ଼ାବିତମାନେ ଅଧିକ ସୃଜନଶୀଳର ଆବଶ୍ୟକ କରନ୍ତି ଏବଂ କ୍ରୀଡ଼ା ଉପତ୍ୟକା ସେମାନଙ୍କୁ ଏହା ଯୋଗାଇ ଦେବ ବୋଲି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି।ସୂଚନାଯୋଗ୍ୟ, କ୍ରୀଡ଼ା ଭିତ୍ତିଭୂମି ପାଇଁ ଓଡ଼ିଶା ସରକାର ରାଜ୍ୟ ବଜେଟରେ ୧,୩୧୫ କୋଟି ଟଙ୍କା ଆବଣ୍ଟନ କରିଛନ୍ତି।ଏଥିସହ କ୍ରୀଡ଼ାର ପରିଚାଳନା ତଥା ରାଜ୍ୟରେ କ୍ରୀଡା ଭିତ୍ତିଭୂମି ବିକାଶ ପାଇଁ ୯୫୨ କୋଟି ଟଙ୍କା ପ୍ରଦାନ କରାଯାଇଛି।

ଏହି ସମୟରେ କାଳିଙ୍ଗ ଷ୍ଟାଡିୟମରେ 'ଶଟଲ୍' ନାମକ ଏକ ବ୍ୟାଡମିଣ୍ଟନ୍ ଏକାଡେମୀ ପ୍ରତିଷ୍ଠା ହୋଇସାରିଛି। ଏକାଡେମୀରେ ଆଠଟି ବ୍ୟାଡମିଣ୍ଟନ୍ କୋର୍ଟ ଏବଂ ୫୦୦ ଦର୍ଶକ କ୍ଷମତା ବିଶିଷ୍ଟ ଏକ ଗ୍ୟାଲେରୀ ରହିଛି। ଏକାଡେମୀରେ ଉଭୟ ପୁରୁଷ ଏବଂ ମହିଳା ସଟରଙ୍କ ପାଇଁ ୮୦ ଟି ସିଟ୍ ବିଶିଷ୍ଟ ହଷ୍ଟେଲ ସୁବିଧା ଯୋଗାଇ ଦିଆଯିବ। ଡାଲମିଆ ଭରତ ଏହାର ପାଣ୍ଠିରୁ ୧୦୦ କୋଟି ଟଙ୍କା ବ୍ୟୟ ସହିତ ୪ ଏକର ଅଞ୍ଚଳରେ ଷ୍ଟାଡିୟମ ନିର୍ମାଣ କରିଛନ୍ତି।ଆମେ ତଳ ଭାଗ ନିର୍ମାଣ କରିସାରିଛୁ ଏବଂ ପ୍ରୋଜେକସନ ଲାଇଟ୍ ଲାଗୁ ହୋଇସାରିଛି। ଏହା ରାତିରେ ଫ୍ଲାଇଙ୍ଗ ସଟଲ ପରି ଦେଖାଯାଉଛି ବୋଲି ଡାଲମିଆଭାରତ ପ୍ରକଳ୍ପ ମୁଖ୍ୟ ସୌମ୍ୟା ମହାପାତ୍ର କହିଛନ୍ତି।


## ପୌରପରିଷଦ ପାରଳାଖେମୁଣ୍ଡି
## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୪

**ଆମର ନିବେଦନ:**

୧. ଘର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ନାଳକୁ ବେଆଇନ୍ ଭାବେ ଦଖଲ କରି ଗମନାଗମନରେ ଅବରୋଧ ସୃଷ୍ଟି କରନ୍ତୁ ନାହିଁ।
୩. ଦୋକାନ ଲାଇସେନସ୍ ଫି ଠିକ୍ ସମୟରେ ପୈଠ କରନ୍ତୁ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ ତାହାକୁ ଅଲଗା ଅଲଗା କରି ପୌରପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ।
୫. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁର ଗୁଡିକୁ ସହର ମଧରାସ୍ତାକୁ ଛାଡନ୍ତୁ ନାହିଁ।
୬. ବାହାରେ ମଳତ୍ୟାଗ ନକରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୭. ପାରଳା ପୌରପରିଷଦକୁ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୮. ପଲିଥିନ୍ ମୁକ୍ତ ପାରଳା ସହର ଗଠନ କରିବାରେ ଆମକୁ ସହାୟତା କରନ୍ତୁ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେ ତେଣେ ନ ପକାଇ ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସ୍‌ପୁଲ ମାଧମରେ ସଫାକରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।



ଶ୍ରୀମତୀ ନିର୍ମଳା ସେଠୀ
ପୌରାଧକ୍ଷ୍ୟା
ପାରଳାଖେମୁଣ୍ଡି ପୌରପରିଷଦ



ଶ୍ରୀ ଲେଙ୍କା ମଧୁ
ଉପାଧକ୍ଷ୍ୟ
ପାରଳାଖେମୁଣ୍ଡି ପୌରପରିଷଦ

## ଆସିଲା ନୂଆ ଅବକାରୀ ନୀତି

**ଭୁବନେଶ୍ୱର,୩୦।୮(ମହାଭାରତ)** ରାଜ୍ୟ ସରକାର ନୂଆ ଅବକାରୀ ନୀତି ଆଣିଛନ୍ତି। ଆସନ୍ତା ସେପ୍ଟେମ୍ବର ୧ରୁ ରାଜ୍ୟରେ ଏହି ନୂଆ ଆଇନ ଲାଗୁହେବ। ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ନୂଆ ଆଇନ ବଳରେ ଗ୍ରାମାଞ୍ଚଳରେ ଆଉ ନୂଆ ମଦ ଦୋକାନ ଖୋଲିବ ନାହିଁ। କେବଳ ଥ୍ରୀ ଷ୍ଟାର୍ ହୋଟେଲ୍‌କୁ ନୂଆ ବାର୍ ଲାଇସେନ୍ସ ମିଳିବ। ଏହା ବ୍ୟତୀତ ଭାଙ୍ଗ, ତାଡ଼ି, ପୋଚ ପାଇଁ ମଧ୍ୟ ନିୟମ ଲାଗୁ ହେବ।

ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେଉଛି ରାଜ୍ୟରେ ଆଉ ଡ୍ୟାନ୍ସ ବାର୍ ଆଉ ଚାଲିବ ନାହିଁ। ବାର୍ ଗୁଡ଼ିକରେ ଅନୁମତି ନେଇ କରିପାରିବେ। ସଂଗୀତ ପରିବେଷଣ କରିପାରିବେ। କୌଣସି ପରିସ୍ଥିତିରେ ବାର୍‌ରେ ନୃତ୍ୟ ପରିବେଷଣ ଅନୁମତି ମିଳିବନି। ବିଚ୍‌ରେ ମଦ ଶ୍ୟାକ୍ସ ବା କ୍ୟାବିନ୍ ଖୋଲିବା ଅନୁମତି ପର୍ଯ୍ୟଟନ ବିଭାଗର। ରାଜ୍ୟ ସରକାରଙ୍କଠୁ ମିଳିଥିବା ସୂଚନା ଅନୁସାରେ, ଏଥିରେ ବେଆଇନ ମଦ କାରବାରକୁ ରୋକିବା ଓ ମଦ୍ୟପାନ ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ସର୍ତ୍ତ ରଖାଯାଇଛି। ଚଳିତ ଆର୍ଥିକ ବର୍ଷରେ କୌଣସି ନୂଆ। ବିଦେଶୀ ଠିପି ବନ୍ଦ ମଦ ଦୋକାନ, ଦେଶୀ ମଦ ଦୋକାନ ଓ ଅନ୍ ସପ୍ ମଦଦୋକାନ ଖୋଲାଯିବ ନାହିଁ ।କେବଳ ସେତିକି ନୁହେଁ ଚଳିତ ଆର୍ଥିକ ବର୍ଷ ପୂର୍ବରୁ ନବୀକରଣ(ରିନ୍ୟୁଆଲ) ହୋଇନଥିବା ୫୭ଟି ଅନସପ୍ ମଦଦୋକାନର ପୁନଃ ନବୀକରଣ ମଧ୍ୟ କରାଯିବ ନାହିଁ ।

## 'ସୁଭଦ୍ରା' ମାର୍ଗଦର୍ଶିକାରେ ସଂଶୋଧନ

ଭୁବନେଶ୍ୱର,୩୦।୮(ମହାଭାରତ): ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଯୁଗାନ୍ତକାରୀ ସୁଭଦ୍ରା ଯୋଜନା। ଏହି ଯୋଜନାର ମାଗଦର୍ଶିକାରେ ପୁଣି ଥରେ ସଂଶୋଧନ ରାଯାଇଛି। ଏହି ଯୋଜନାର ସଫଳ ରୂପାୟନକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଟୋଲ ଫ୍ରୀ ନମ୍ବର-୧୪୬୭୮ ଜାରି କରାଯାଇଛି। ଏହି ନମ୍ବରଟି ସକାଳ ୬ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ । ଏହି ସମୟସୀମା ମଧ୍ୟରେ ଯେକୌଣସି ବ୍ୟକ୍ତି ଏହି ଟୋଲ ଫ୍ରୀ ନମ୍ବରରେ କଲ୍ କରି ସୁଭଦ୍ରା ଯୋଜନା ଅନ୍ତର୍ଗତ ସମସ୍ତ ତଥ୍ୟ ପାଇପାରିବେ। ଏହି ମାର୍ଗଦର୍ଶିକା ଅନୁଯାୟୀ ଯେଉଁ ମହିଳାମାନେ, ରାଜ୍ୟ କିମ୍ବା କେନ୍ଦ୍ର ସରକାରୀ ଯୋଜନା ଅନ୍ତର୍ଗତ କୌଣସି ଆର୍ଥିକ ସହାୟତା ଯଥା ପେନସନ, ଛାତ୍ରବୃତ୍ତି ଇତ୍ୟାଦି ପ୍ରତି ମାସରେ ୧୫୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ଓ ବାର୍ଷିକ ୧୮୦୦୦ ଟଙ୍କା କିମ୍ବା ଅଧିକ ପାଉଥିବେ, ସେମାନେ ଅଯୋଗ୍ୟ ଘୋଷିତ ହେବେ। କିନ୍ତୁ ଅଙ୍ଗନବାଡିକର୍ମୀ/ସହାୟିକା, ଆଶାକର୍ମୀ, କମ୍ୟୁନିଟି ରିସୋର୍ସ ପର୍ସନ (ସିଆରପି), ମାଷ୍ଟର ବୁକ କିପର (ଏମ୍‌ବିକେ) ଓ ଆଉଟସୋରସିଙ୍ଗ ଏଜେନ୍ସି ଦ୍ୱାରା ନିଯୁକ୍ତ ମହିଳାମାନେ ମାର୍ଗଦର୍ଶିକାରେ ଥିବା ଅନ୍ୟ ସମସ୍ତ ମାନଦଣ୍ଡ ହିସାବରେ ଯୋଗ୍ୟ ହେଉଥିଲେ ସେମାନେ ମଧ୍ୟ ସୁଭଦ୍ରା ଯୋଜନାର ଆବେଦନ କରିପାରିବେ।

## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

**ସାୟତ୍ତ ଶାସନ ଦିବସ-୨୦୨୪ ପାଳନ ଅବସରରେ ପାରାଦ୍ୱୀପର ଜନ ସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ବିକାଶ ଆମର ସଂକଳ୍ପ: -**

୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ।
୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ।
୩. ଘରର ଆବର୍ଜନା ଏଣେତେଣେ ନପକାଇ, ପୃଥକୀ କରଣ କରି ପୌର ପାଳିକା ଦ୍ୱାରା ପରିଚାଳିତ ଗାଡିରେ ଦିଅନ୍ତୁ।
୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାୟିତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ।
୫. ରାସ୍ତାଘାଟ, ଡ୍ରେନ, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ।

ସ୍ୱଚ୍ଛ ପାରାଦ୍ୱୀପ- ସୁସ୍ଥ ପାରାଦ୍ୱୀପ

ନିବେଦକ
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



ଖବର

## ରକୁଲଙ୍କ ସହ ରୋମାନ୍ସ କରିବେ ଅଜୟ ଦେବଗନ୍



ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ସମ୍ପ୍ରତି ନିଜର ଆଗାମୀ ଚଳଚ୍ଚିତ୍ର 'ଦେ ଦେ ପ୍ୟାର୍ ଦେ ୨' ଏବଂ 'ସନ୍ ଅଫ୍ ସର୍ଦ୍ଦାର ୨'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପଞ୍ଜାବର ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗ୍ରାମାଞ୍ଚଳରେ ଉକ୍ତ ଫିଲ୍ମର ଶୁଟିଂ ହେବ। ଏଥିପାଇଁ ଆସନ୍ତା ମାସଠାରୁ ମୋଟ ୪୫ରୁ ୫୦ ଦିନ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଫିଲ୍ମରେ ଅଜୟଙ୍କ ସହ ଅଭିନେତା ଆର୍ ମାଧବନ୍ ଏବଂ ଅଭିନେତ୍ରୀ ରକୁଲ୍ ପ୍ରୀ ସିଂ ମଧ୍ୟ ନଜର ଆସିବେ। ଶୁଟିଂ ପାଇଁ ଫିଲ୍ମର ସମସ୍ତ ଷ୍ଟାର୍କାଷ୍ଟ ଆସନ୍ତା ମାସରେ ପଞ୍ଜାବ ଯିବେ ବୋଲି ରିପୋର୍ଟରେ କୁହାଯାଇଛି। ତେବେ ଅଜୟ ବର୍ତ୍ତମାନ ବ୍ରିଟେନ୍‌ରେ 'ସନ୍ ଅଫ୍ ସର୍ଦ୍ଦାର ୨' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, 'ଦେ ଦେ ପ୍ୟାର୍ ଦେ ୨' ଫିଲ୍ମରେ ଅଭିନେତା ଅନିଲ କପୁରଙ୍କୁ ମଧ ଦେଖିବାକୁ ମିଳିବୟ ଉକ୍ତ ଚଳଚ୍ଚିତ୍ରରେ ଅନିଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ଏନେଇ ଫିଲ୍ମ ନିର୍ମାତାଙ୍କ ସହ ଅନିଲଙ୍କର ଆଲୋଚନା ମଧ ସରିଛି। ୨୦୧୯ରେ ମୁକ୍ତିଲାଭ କରିଥିବା 'ଦେ ଦେ ପ୍ୟାର୍ ଦେ' ଫିଲ୍ମର ଏହି ସିକ୍ୱେଲରେ ପୂର୍ବ ଅପେକ୍ଷା ଅଧିକ ହାସ୍ୟରସ ଦେଖିବାକୁ ମିଳିବ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। 'ଦେ ଦେ ପ୍ୟାର୍ ଦେ' ଫିଲ୍ମର କାହାଣୀ ଯେଉଁଠାରୁ ଶେଷ ହୋଇଥିଲା, ସେହିଠାରୁ ହିଁ 'ଦେ ଦେ ପ୍ୟାର୍ ଦେ ୨' ଫିଲ୍ମର କାହାଣୀ ଆରମ୍ଭ ହେବ। ଅଂଶୁଲ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ବର୍ଷ ମେ' ୧୬ରେ ରିଲିଜ୍ ହେବ।

## ଅନେକ ରୋଗକୁ ଦୂରରେ ରଖିଥାଏ ଗଜାମୁଗ



ମୁଗ ଡାଲି ଖାଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ସମସ୍ତେ କହିଥାନ୍ତି। ଏଥିରେ କମ କ୍ୟାଲୋରୀ ଥିବା ସହ ଭିଟାମିନ ଏ, ବି, ସି, ଏବଂ ଇ ଅଧିକ ପରିମାଣରେ ରହିଥାଏ । ଏହା ସହ ମ୍ୟାଗ୍ନେସିୟମ,କପର, ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ମୁଗରେ ରହିଥାଏ । ତେବେ ମୁଗ ସହ ଗଜାମୁଗ ମଧ୍ୟ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଆସନ୍ତୁ ଜାଣିବା ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା କ'ଣ ସବୁ ଫାଇଦା ମିଳିଥାଏ ।

୧- ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା ଏହା ଶରୀରରେ କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡିକୁ ବଢିବାରୁ ରୋକିଥାଏ । ଯାହା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ ହୋଇଥାଏ ।

୨- ଯେଉଁ ଲୋକମାନଙ୍କର ଉଚ୍ଚ ରକ୍ତଚାପର ସମସ୍ୟା ରହିଛି ସେମାନଙ୍କ ପାଇଁ ସକାଳ ସମୟରେ ଗଜାମୁଗ ଖାଇବା ଅତ୍ୟନ୍ତ ଲାଭଦାୟକ । ଏଥିରେ ସୋଡିୟମ ନଥିବାରୁ ଏହାକୁ ଖାଇଲେ କୋଲେଷ୍ଟ୍ରଲର ସ୍ତର ଏବଂ ରକ୍ତଚାପ ନିୟନ୍ତ୍ରଣ ହୋଇ ରହିଥାଏ ।

୩- ସକାଳୁ ଉଠିବା ପରେ ଗଜାମୁଗ ଖାଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିଥାଏ । ଯେଉଁ ଲୋକମାନଙ୍କରେ ଖାଦ୍ୟ ହଜମ ହେବାରେ ଅସୁବିଧା ହେଉଛି । ସେମାନଙ୍କୁ ସକାଳୁ ଗଜାମୁଗ ଖାଇବା ଆରମ୍ଭ କରିବା ଦରକାର ।

୪- ଲିଭର ସମସ୍ୟାକୁ ଦୂର କରିବା ବା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଗଜାମୁଗ ଖୁବ୍ ଭଲ ।

## ତ୍ୱଚା ସୁନ୍ଦର କରାଇବାର ଉପାୟ




ତ୍ୱଚାର ସୁନ୍ଦରତା ବଜାୟ ରଖିବା ପାଇଁ ସଭିଏଁ ବହୁ ଉପାୟ ଆପଣେଇ ଥାଆନ୍ତି । ଏହାଛଡ଼ା ଅଧିକାଂଶ ସମୟ ଅଭାବ କାରଣରୁ ତ୍ୱଚା ଉପରେ ଅଧିକ ଧ୍ୟାନ ମଧ ଦେଇ ପାରି ନଥାଆନ୍ତି । ମାତ୍ର ଏପରି କେତେକ ଉପାୟ ରହିଛି ଯାହାକୁ ଆପଣେଇ ମୁହଁର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବା ।

ନଡ଼ିଆ ତେଲ -

ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ ତେଲିଆ ନୁହେଁ ତେବେ ନିୟମିତ ନଡ଼ିଆ ତେଲର ମୁହଁରେ ମାଲିସ କରନ୍ତୁ । ରାତିରେ ଶୋଇବା ସମୟରେ ତୁଳାର ବ୍ୟବହାର କରି ମୁହଁରେ ଲଗାନ୍ତୁ। ସକାଳେ ଆପଣ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ ।

ଗ୍ରୀନ ଟି ପ୍ୟାକ୍ -

ପେଷା ହୋଇଥିବା ଗ୍ରୀନ ଟିରେ ଅଳ୍ପ ପାଣି ମିଶାଇ ତୁଳାର ବ୍ୟବହାର କରି ଏହି ପେଷ୍ଟକୁ ରାତି ଯାକ ମୁହଁରେ ଲଗାଇ ରଖନ୍ତୁ । ସକାଳେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।



## ମହାଭାରତରେ କୁନ୍ତି, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ମିଳିଥିଲା ଏହିଭଳି ଭୟାନକ ମରଣ


ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିରୟ ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତିଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବଙ୍କ ପତି ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେୟ ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଲଙ୍ଗ ଯାତ୍ରା ବାହାରିଲେ। ଏହି ସମୟ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ। ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ।



ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲାୟଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲାୟ ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡା ଦୌଡି କଲେ। ନିଜ ଜୀବନ ବଞ୍ଚାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ ଦୌଡବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳିଗଲା।ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ।

## --- ସାବଧାନ --

### ଅଣ୍ଡା ଖାଇଲେ ହଟିଯିବ ଅନେକ ସମସ୍ୟା



ବଛା ବଛା କେତୋଟି ଉତ୍ତମ ଖାଦ୍ୟ ଭିତରେ ଅଣ୍ଡା ଅନ୍ୟତମ । ଏଥିରେ ପ୍ରଚୁର ପରିମାଣର ନ୍ୟୁଟ୍ରିଏଣ୍ଟ୍ସ ଅଛି । ଏହାକୁ ଆପଣ ଆପଣଙ୍କର ଦୈନିକ ଡାଏଟ୍ରେ ସାମିଲ୍ କରିପାରିବେ । ଏଥିରେ ପ୍ରଚୁର ପରିମାଣର କ୍ୟାଲୋରି, ପ୍ରୋଟିନ୍ ରହିଛି। ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ 'ଏ' ଏବଂ 'ଇ' ରହିଛି। ସକାଳ ଜଳଖିଆରେ ଦୈନିକ ଗୋଟାଏ ଅଣ୍ଡା ସାମିଲ୍ କଲେ ଶରୀର ପାଇଁ ଖୁବ୍ ଭଲ । ଅଣ୍ଡାରେ ପ୍ରଚୁର ପରିମାଣର ପ୍ରୋଟିନ୍ ରହିଛି ଯେହେତୁ ଏହା ଆପଣଙ୍କ କେଶ ଝଡ଼ା ସମସ୍ୟାକୁ ଦୂର କରିପାରେ । ଦୈନିକ ଗୋଟାଏ ଲେଖାଏ ଅଣ୍ଡା ଖାଇଲେ ଆପଣଙ୍କ କେଶ ଝଡ଼ିବା ସମସ୍ୟା ପୂରାପୂରି ଭାବେ କମିଯିବ। ଆପଣଙ୍କର ଯଦି ଶ୍ୱାସ ରୋଗ ଅଛି ତେବେ ଆପଣ ଅଣ୍ଡା ଖାଇବା ଖୁବ୍ ଭଲ। ଦୈନିକ ଗୋଟାଏ କଞ୍ଚା ଅଣ୍ଡା କିମ୍ବା ସିଝା ଅଣ୍ଡା ଖାଇଲେ ଆପଣଙ୍କ ଶ୍ୱାସ ରୋଗ କମ୍ ହୋଇଯିବ। ଅଣ୍ଡା ଖାଇଲେ ଆଖି ସମସ୍ୟା ଦୂର ହୋଇଥାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଅଣ୍ଡା ଖାଇବା ଦ୍ୱାରା ମୋତିଆବିନ୍ଦୁ ହେବାର ସମ୍ଭାବନା କମ୍ ଥାଏ । ଆଖିରୁ ଭିଟାମିନ୍ 'ଏ' କମ୍ ହୋଇଗଲେ ଦୃଷ୍ଟି ଶକ୍ତି ହ୍ରାସ ପାଇବାର ସମ୍ଭାବନା ରହିଛି । ଅଣ୍ଡାରେ ପ୍ରଚୁର ପରିମାଣର ଭିଟାମିନ୍ ଏ ଥିବାରୁ ଆପଣଙ୍କର ଆଖି ସମସ୍ୟା ଥିଲେ ଆପଣ ଏହାକୁ ଦୈନିକ ଖାଇପାରିବେ । ଅଣ୍ଡା ହୃଦ୍ରୋଗୀଙ୍କ ପାଇଁ ବି ଖୁବ୍ ଭଲ । ଅଣ୍ଡା ଖାଇବା ଦ୍ୱାରା ହୃଦ୍ ଜନିତ ସମସ୍ୟା ଦୂର ହୋଇଥାଏ ।

ମହାଭାରତ
# ନଗରନକ୍ସା
ମହାନଗରର ନିଜ ଭାଷା



# ଓଡିଶାରେ ସମ୍ଭାବନା ଅଛି, ସୁଯୋଗ ମଧ୍ୟ ଅଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୮(ମହାଭାରତ): ଓଡିଶା ହେଉଛି ଏକ ସମ୍ଭାବନାର ରାଜ୍ୟ। ଏଠି ସମ୍ଭାବନା ଅଛି, ସୁଯୋଗ ମଧ୍ୟ ଅଛି। ଆମ ପାଖରେ ଖଣିଜ ସମ୍ପଦ ଭରପୁର ଅଛି। ତେଣୁ ନିର୍ମାଣର ବିଭିନ୍ନ କ୍ଷେତ୍ର ଯଥା ଅଟୋମୋବାଇଲ୍ସ, ଅଟୋ କମ୍ପୋନେଣ୍ଟସ୍, ଡୋମେଷ୍ଟିକ ଆପ୍ଲିଆନସେସ୍, ଡିଫେନ୍ସ, ଏରୋ ସ୍ପେସ୍, ରିନ୍ୟୁଏବଲ ଏନର୍ଜି ଆଦି କ୍ଷେତ୍ରରେ ନିର୍ମାଣ ପାଇଁ ଆମ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି' ଦ୍ୱାରା ଆୟୋଜିତ 'ରିସର୍ଜେଂଟ ଓଡିଶା-୨୦୨୪' କାର୍ଯ୍ୟକ୍ରମରେ କହିଛନ୍ତି।

ଶୁକ୍ରବାର ଭୁବନେଶ୍ୱରସ୍ଥିତ ଜନତା ମୈଦାନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ସମସ୍ତ ଶିଳ୍ପପତି, ପୁଞ୍ଜିନିବେଶକାରୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ୨୦୩୬ ମସିହା ଓ ୨୦୪୭ ମସିହା କୁ ନେଇ ଆମର ବିରାଟ ଲକ୍ଷ୍ୟ ରହିଛି। ସେଥିପାଇଁ ଆମ ଅର୍ଥନୀତିକୁ ବହୁତ ଆଗକୁ ନେବାକୁ ପଡିବ। ଆମ ପାଖରେ ସମସ୍ତ ପ୍ରକାର ଶକ୍ତି ଓ ସାମର୍ଥ୍ୟ ରହିଛି। ଏହି ଲକ୍ଷ୍ୟ ଆମେ ନିଶ୍ଚୟ ପୂରଣ କରିବୁ। ଏଥିପାଇଁ ଦୃଢ ଇଚ୍ଛା ଶକ୍ତି ଦରକାର। ଆମ ସରକାର ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି ସେ ଉପସ୍ଥିତ ଥିବା ଶିଳ୍ପପତି ଓ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନଙ୍କୁ ଆହ୍ୱାନ କରିଥିଲେ। ଆଗାମୀ ଦିନରେ ଆମ ସରକାର ଡେଡିକେଟେଡ୍ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟରର ବିକାଶ କରିବେ। ଏହା ଦ୍ୱାରା ଦେଶ ବିଦେଶର ନାମିଦାମୀ କମ୍ପାନୀମାନେ ଏଠି ଶିଳ୍ପ ପ୍ରତିଷ୍ଠା କରି ପାରିବେ। ଆମକୁ ମୂଲ୍ୟଯୁକ୍ତ ଭିତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡିବ। ଆମ ସରକାର ଆସିବା ପାରେ ରାଜ୍ୟରେ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ଅନେକ ଶିକ୍ଷାନୁଷ୍ଠାନ ଆଗ୍ରହ ପ୍ରକାଶ କରିଛନ୍ତି।

ଓଡିଶାରେ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି ହେଉଛି। ବୃହତ ସହିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗୁଡିକର ଆଜିର ଦିନରେ ମଧ୍ୟ ସମାନ ଗୁରୁତ୍ୱ ରହିଛି। ଏଥି ସହିତ ଆମକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ଭୋକାଲ୍ ଫର୍ ଲୋକାଲ୍' ନୀତିକୁ ଗ୍ରହଣ କରିବାକୁ ପଡିବ। ଏହା ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଡିବ। ନିଯୁକ୍ତି ସୁଯୋଗ ବୃଦ୍ଧି ହେଲେ ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଓଡିଶା ହେଉଛି ଏକ କୃଷିପ୍ରଧାନ ରାଜ୍ୟ। ଏଠାରେ ୪ ଭାଗରୁ ୩ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ତେଣୁ କୃଷିଭିତିକ କ୍ଷୁଦ୍ର ଶିଳ୍ପ ଯେପରିକି 'ରାଇସ୍ ମିଲ୍ ପ୍ରତିଷ୍ଠା' ପ୍ରତି ସେ ଗୁରୁତ୍ୱ ଆରୋପ କରିଥିଲେ।

ପ୍ରଧାନମନ୍ତ୍ରୀ ସଂସଦରେ କହିଛନ୍ତି ଯେ ବିକଶିତ ଭାରତ ରେଳଗାଡିରେ ଓଡିଶା ହେବ ପ୍ରଥମ ବଗି। ସେଥିପାଇଁ ଓଡିଶା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବଜେଟ୍ ରେ ଭିତିଭୂମି ବିକାଶ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭିତିଭୂମି କ୍ଷେତ୍ରରେ ଆମେ ଆଜି ପଛୁଆ ନାହୁଁ, ଆଗକୁ ବଢିଛୁ। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ରେଳ କରିଡରର ଯୋଜନା ରହିଛି। ବଡବିଲରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଆଠ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେବାକୁ ଯାଉଛି। ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, କଳାହାଣ୍ଡି ଆଦି ଶିଳ୍ପାଂଚଳରୁ ବନ୍ଦର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଆମ ସରକାରଙ୍କ ପ୍ରସ୍ତାବ ରହିଛି।



ଉପସ୍ଥିତ ସମସ୍ତ ଶିଳ୍ପପତି, ଉଦ୍ୟୋଗୀ ଓ ପୁଞ୍ଜିନିବେଶକାରୀଙ୍କୁ ଓଡିଶାରେ ପୁଞ୍ଜିନିବେଶ କରିବା ପାଇଁ ଆହ୍ୱାନ ଦେଇ ସେ କହିଥିଲେ ଯେ ଆଜି ଏଠାରେ ଡବଲ୍ ଇଞ୍ଜିନ ସରକାର ଆସିଛି। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ'କୁ ଆଧାର କରି ଆମକୁ ଆଗକୁ ବଢିବାକୁ ପଡିବ। ଶିଳ୍ପ ପ୍ରଗତି ସହିତ ଆମକୁ କର୍ପୋରେଟ୍ ସୋସିଆଲ ରେସ୍ ?ପନସିବିଲିଟି ମାଧ୍ୟମରେ ସେ ଅଞ୍ଚଳର ବିକାଶକୁ ମଧ୍ୟ ଦୃଷ୍ଟି ଦେବାକୁ ପଡିବ। ଆମେ ଯଦି ଶିଳ୍ପ ସହିତ ସଂପୃକ୍ତ ଅଞ୍ଚଳର ବିକାଶ ପ୍ରତି ଧ୍ୟାନ ଦେବା ତେବେ ଶିଳ୍ପ ପ୍ରତିଷ୍ଠା ପାଇଁ ଉପୁଜୁଥିବା ସମସ୍ୟାଗୁଡିକ ଆପେ ଆପେ ଦୂରେଇ ଯିବ।

'ରିସର୍ଜେଣ୍ଟ ଓଡିଶା-୨୦୨୪' ଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଆହୁରି ଅନେକ ଥର ଅନୁଷ୍ଠିତ ହେବ । ଓଡିଶାକୁ ଶିଳ୍ପ କ୍ଷେତ୍ରରେ ଋଦ୍ଧିମନ୍ତ କରିବା ପାଇଁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ରାଜ୍ୟରେ ଶିଳ୍ପ ବିକାଶର ଲକ୍ଷ୍ୟକୁ ସାକାର କରିବା ପାଇଁ ଆମ ସରକାର ଭିତିଭୂମିର ବ୍ୟାପକ ବିକାଶ କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି।

ଅନ୍ୟତମ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଲେ ଯେ ଆମ ମୁଖ୍ୟମନ୍ତ୍ରୀ ଓଡିଶାର ବିକାଶ ପାଇଁ ଚେଷ୍ଟାରତ ଅଛନ୍ତି। ଯେହେତୁ ଓଡିଶା ଏକ କୃଷିପ୍ରଧାନ ରାଜ୍ୟ, ଏଠାରେ ଅଧିକ କୃଷିଭିତିକ ଶିଳ୍ପ ପ୍ରତିଷ୍ଠା ପାଇଁ ସେ ଉପସ୍ଥିତ ଉଦ୍ୟୋଗୀ ଓ ପୁଞ୍ଜିନିବେଶକାରୀଙ୍କୁ ଆହ୍ୱାନ କରିଥିଲେ। ଏଥିପାଇଁ ରାଜ୍ୟ କୃଷି ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ରାଜ୍ୟରେ କୃଷି ଯନ୍ତ୍ରପାତି ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ।

ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାକୁ ବାସ୍ତବ ରୂପ ଦେବା ପାଇଁ ଆମ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି। ଶିଳ୍ପ କ୍ଷେତ୍ରରେ ବିକାଶ ପାଇଁ ବଜେଟ୍ ରେ ନୂଆ ନୂଆ ଯୋଜନା କରାଯାଇଛି। ଆମ ସରକାର ରାଜ୍ୟରେ ପୁଞ୍ଜିନିବେଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ସ୍ଥାନରେ ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କାମ ଆରମ୍ଭ ହୋଇଛି। ୨୦୩୬ ସୁଦ୍ଧା ଓଡିଶାକୁ ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ସେ ଆହ୍ୱାନ କରିଥିଲେ।

# ବସ୍ତାରେ ମତ୍ସ୍ୟ ବିକ୍ରୟ କେନ୍ଦ୍ରର ଭିତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୩୦।୮(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଆଭାସି ମାଧ୍ୟମରେ ବାଲେଶ୍ୱର ଜିଲ୍ଲା ବସ୍ତା ନିକଟସ୍ଥ ବାହାର୍ଦାଠାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟକର ପାଇକାରୀ ମତ୍ସ୍ୟ ବିକ୍ରୟ କେନ୍ଦ୍ରର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପଂଚାତିରାଜ, ମତ୍ସ୍ୟପାଳନ, ପଶୁପାଳନ ଓ ଡେୟାରୀ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ୍ ଲଲନ୍ ସିଂହ, ବନ୍ଦର, ପରିବହନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍, ମତ୍ସ୍ୟପାଳନ, ପଶୁପାଳନ ଓ ଡେୟାରୀ ଏବଂ ପଂଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବାଘେଲ୍, ସଂଖ୍ୟାଲଘୁ, ମତ୍ସ୍ୟପାଳନ, ପଶୁପାଳନ ଓ ଡେୟାରୀ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିୟନ, ବନ୍ଦର, ପରିବହନ ଓ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଉପସ୍ଥିତ ରହି ଆଭାସି ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବାହାର୍ଦାଠାରେ ଆୟୋଜିତ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରି କହିଲେ ଯେ ପ୍ରଧାନମନ୍ତ୍ରୀ ଏଫ୍‌ଆଇଡିଏଫ୍ ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟସଂପଦ ଯୋଜନା ଅଧୀନସ୍ଥ ୧୨୦୦ କୋଟି ଟଙ୍କାର ବିଭିନ୍ନ ମତ୍ସ୍ୟ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହିତ ୩୬୪ କୋଟି ଟଙ୍କା ମୂଲ୍ୟର ପୋତସଂଚାର ଓ ସହାୟତା ପ୍ରଣାଳୀର ଶୁଭାରମ୍ଭ କରିଛନ୍ତି। ବାହାର୍ଦା ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିର୍ମାଣ ସଂପୂର୍ଣ୍ଣ ହେଲେ ରାଜ୍ୟରେ ଉତ୍ପାଦିତ ସାମୁଦ୍ରିକ, ଖାରିପାଣି ଓ ଅନ୍ତର୍ଦେଶୀୟ କ୍ଷେତ୍ରରୁ ଉତ୍ପାଦିତ ମାଛର ବିକ୍ରୟ ସହିତ ରପ୍ତାନି ସୁବିଧାଜନକ ହୋଇପାରିବ।



କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟସଂପଦ ଯୋଜନା କାର୍ଯ୍ୟକାରୀ ହେଉଥିବା ଦର୍ଶାଇଥିଲେ ଏବଂ ଏହା ଫଳରେ ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରିଥିଲେ। ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ମଧ୍ୟ ବକ୍ତବ୍ୟ ରଖିଥିଲେ । ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ସୂଚନା ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ୍ ଆଲମ ମଧ୍ୟ ବକ୍ତବ୍ୟ ରଖିଥିଲେ।

ବାହର୍ଦା ସରକାରୀ କୃଷି ଫାର୍ମ ନିକଟସ୍ଥ ୨୦ ଏକର ପରିମିତ ସ୍ଥାନରେ ଏହି ପାଇକାରୀ ମତ୍ସ୍ୟ ବିକ୍ରୟ କେନ୍ଦ୍ର କରାଯିବା ପାଇଁ କେନ୍ଦ୍ର ସରକାର ପ୍ରଥମ ଦଫାରେ ୭.୫ କୋଟି ଟଙ୍କା ଏବଂ ରାଜ୍ୟ ସରକାର ୫ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ସଂପୂର୍ଣ୍ଣ ପ୍ରକଳ୍ପର ବ୍ୟୟ ଅଟକଳ ୭୮.୨୫ କୋଟି ଟଙ୍କା ରଖାଯାଇଛି । ଏଥିରୁ କେନ୍ଦ୍ର ସରକାର ୩୦ କୋଟି ଟଙ୍କା ଓ ରାଜ୍ୟ ସରକାର ୪୮.୨୫ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହି ପ୍ରକଳ୍ପ ଜୁନ୍ ୨୦୨୬ ସୁଦ୍ଧା ସଂପୂର୍ଣ୍ଣ ହେବାର ଲକ୍ଷ୍ୟ ରଖାଯାଇଛି । ୨୫ ଶହ ଟନ ମାଛ ବିକ୍ରୟ ସାମର୍ଥ୍ୟ ଥିବା ଏହି ପ୍ରକଳ୍ପ ଫଳରେ ୧୩୨ ଜଣ ମତ୍ସ୍ୟ ବ୍ୟବସାୟୀଙ୍କ ସମେତ ୧୯୦୦ ବ୍ୟବସାୟୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଲାଭାନ୍ୱିତ ହେବେ । ଏହା ବ୍ୟତୀତ ଏକ ଲକ୍ଷ ଲୋକ ଉପକୃତ ହେବେ।

# ଭିଜିଲାନ୍ସ ଜାଲରେ ଡିଇଓ ଅଫିସର କନିଷ୍ଠ କିରାଣୀ

ଭୁବନେଶ୍ୱର, ୩୦।୮(ମହାଭାରତ): ଭିଜିଲାନ୍ସ ଜାଲରେ ଡିଇଓ ଅଫିସର କନିଷ୍ଠ କିରାଣୀ । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ୬ଟି ସ୍ଥାନରେ ରେଡ୍ କରିଛି ଭିଜିଲାନ୍ସ । କନିଷ୍ଠ କିରାଣୀ ପ୍ରଦୀପ ଦାସଙ୍କ ଘରେ ଭିଜିଲାନ୍ସ ରେଡ୍ କରିଛି । ଏହି ରେଡରେ ୨ଜଣ ଅତିରିକ୍ତ ଏସପି, ୪ଜଣ ଡିଏସପି, ୭ ଇନସପେକ୍ଟର, ୫ଜଣ ଏଏସଆଇ ଓ ଅନ୍ୟ ସହଯୋଗୀ ଷ୍ଟାଫ ସାମିଲ ହୋଇଛନ୍ତି । ବାଲେଶ୍ୱରରେ ଥିବା ତିନି ମହଲା ବିଶିଷ୍ଟ ଘର, ଭୂଇଁପଡା ସ୍ଥିତ ପୈତୃକ ଘର, ମାଧଗଡରେ ଥିବା ମାର୍କେଟ କମ୍ପ୍ଲେକ୍ସ ଓ ନୀଳଗିରି ସ୍ଥିତ ସଂପର୍କୀୟଙ୍କ ଘରେ ରେଡ୍ କରିଛି ।

## ସବୁ ନଦୀ ବିପଦ ସଙ୍କେତ ତଳେ

ଭୁବନେଶ୍ୱର : ରାଜ୍ୟର ସବୁ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ବୋଲି ଜଳସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଂଜନ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ବର୍ତମାନ ହୀରାକୁଦକୁ ୧.୩୦ ଲକ୍ଷ କ୍ୟୁସେକ ଜଳ ପଶୁଛି ଓ ୬୦ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି। କାଲି ଖଇରମାଳରେ ୨ ଲକ୍ଷରୁ ଅଢ଼େଇ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ। ବ୍ରାହ୍ମଣୀରେ ବନ୍ୟାଜଳ କମୁଛି। ତେଣୁ ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି।

# ସରକାରୀ ଓ ଘରୋଇ କାର୍ଯ୍ୟାଳୟ ତଥା ସର୍ବସାଧାରଣ ସ୍ଥାନରେ ରହିବ ସ୍ତନ୍ୟପାନ କକ୍ଷ

ଭୁବନେଶ୍ୱର,୩୦।୮(ମହାଭାରତ):-ସରକାରୀ ଓ ଘରୋଇ କାର୍ଯ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କରାଇବା ନିମନ୍ତେ ଏକ ଆରାମଦାୟକ, ଏକାନ୍ତ, ସ୍ୱଚ୍ଛ, ଅନୁକୂଳ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣସଂପନ୍ନ ସ୍ଥାନ ଯୋଗାଇଦେଇ ସ୍ତନ୍ୟପାନ କକ୍ଷ ସ୍ଥାପନ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି । ଏହି ମର୍ମରେ ବିଭାଗ ପକ୍ଷରୁ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି । ବିଭାଗୀୟ ମୁଖ୍ୟମାନେ ସେମାନଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ଥିବା କାର୍ଯ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା କରିବାକୁ ପତ୍ରରେ କୁହାଯାଇଛି । ଏହା ଦ୍ୱାରା ସରକାରୀ କାର୍ଯ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇ ପାରିବ ଓ ମା'ମାନଙ୍କୁ ଏଥି ପାଇଁ ମଧ୍ୟ ଉପଯୁକ୍ତ ସହଯୋଗ ମିଳିପାରିବ । ଫଳରେ ମହିଳା କର୍ମଚାରୀ ଏବଂ ସାଧାରଣ ମହିଳା ଉପକୃତ ହୋଇପାରିବେ ବୋଲି ବିଭାଗ ପକ୍ଷରୁ ଏହି ପତ୍ରରେ ଦର୍ଶାଯାଇଛି । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସ୍ତନ୍ୟପାନ ଦିବସର ଥିମ୍ ରହିଥିଲା 'ପ୍ରତିବନ୍ଧକ ଦୂର କରିବା, ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା'। ଏହି ପରିପ୍ରେକ୍ଷୀରେ ତୃଣମୂଳ ସ୍ତରରେ ସ୍ତନ୍ୟପାନ ନେଇ ସଚେତନତା ସୃଷ୍ଟି ସହ ସ୍ତନ୍ୟପାନ ଗୃହର ଆବଶ୍ୟକତା ଉପରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଗୁରୁତ୍ୱାରୋପ କରିଥିଲେ । ଏହି ମର୍ମରେ ମନ୍ତ୍ରୀ ଶ୍ରୀମତୀ ପରିଡ଼ା ସବୁ କାର୍ଯ୍ୟାଳୟରେ କର୍ମଜୀବୀ ମା'ମାନଙ୍କ ପାଇଁ କ୍ରେଚ୍ ସହ ସ୍ତନ୍ୟପାନ ଗୃହର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ।

# ପୁରୀ ଶିଶୁ ମଙ୍ଗଳ କମିଟି ଦେଶରେ ଶ୍ରେଷ୍ଠ

ଭୁବନେଶ୍ୱର,୩୦।୮(ମହାଭାରତ): ଦେଶରେ ଶ୍ରେଷ୍ଠ ଶିଶୁ ମଙ୍ଗଳ କମିଟି ଭାବେ ପୁରୀ ଶିଶୁ ମଙ୍ଗଳ କମିଟି ଘୋଷିତ ହୋଇଛି । ନୂଆଦିଲ୍ଲୀଠାରେ ଆୟୋଜିତ ସପ୍ତମ ପ୍ଲାନ ଇଣ୍ଡିଆ- ଇମ୍ପାକ୍ଟ ଆୱାର୍ଡ -୨୦୨୪ କାର୍ଯ୍ୟକ୍ରମରେ ପୁରୀ ଶିଶୁ ମଙ୍ଗଳ କମିଟିକୁ ପ୍ଲାନ୍ ଇଣ୍ଡିଆ ଇମ୍ପାକ୍ଟ ପୁରସ୍କାର ପ୍ରଦାନ କରାଯାଇଛି । କମିଟି ତରଫରୁ ଅଧ୍ୟକ୍ଷ ଡ଼. ଅଜିତ କୁମାର ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଶିଶୁ ଅଧିକାର ସୁରକ୍ଷା ଦିଗରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ପୁରୀ ଶିଶୁ ମଙ୍ଗଳ କମିଟିକୁ ଏହି ପୁରସ୍କାର ମିଳିଛି । ଏହି କମିଟି ପ୍ରୟାସରେ ଅନେକ ପିଲାଙ୍କ ଜୀବନରେ ପରିବର୍ତ୍ତନ ଆସିପାରିଛି । ବର୍ଷକ ଭିତରେ ୧୨୦୦ ମାମଲାକୁ କମିଟି ପରିଚାଳନା କରିଛି । ରଥଯାତ୍ରାରେ ୨୩୦ ନିରୁଦ୍ଦିଷ୍ଟ ପିଲାଙ୍କୁ ଠାବ କରି ସେମାନଙ୍କୁ ପରିବାର ସହ ଭେଟ କରାଇ ପାରିଛି । ପୁରୀ ଶିଶୁ ମଙ୍ଗଳ କମିଟି ତା'ର ଉତ୍ସର୍ଗୀକୃତ କାର୍ଯ୍ୟଶୈଳୀ ଯୋଗୁଁ ଦେଶର ମୋଟ ୮୦୬ ଶିଶୁ ମଙ୍ଗଳ କମିଟି ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିପାରିଛି । ଆଜି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସମ୍ମିଳନୀ କକ୍ଷରେ ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ କର ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ କମିଟିର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ ।

# ସୁଭଦ୍ରା ଯୋଜନା ସଂପର୍କିତ ଉଚ୍ଚସ୍ତରୀୟ ବୈଠକ

## ମାର୍ଗଦର୍ଶିକା ଅନୁସାରେ ଯୋଜନା କାର୍ଯ୍ୟକାରୀ କରିବାକୁ ଉନ୍ନୟନ କମିଶନରଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୩୦।୮(ମହାଭାରତ): ମହିଳାମାନଙ୍କ କଲ୍ୟାଣ ତଥା ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ତରଫରୁ "ସୁଭଦ୍ରା"ଯୋଜନା ଆରମ୍ଭ ପରିପ୍ରେକ୍ଷୀରେ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁଏ ସଂପର୍କିତ ମାର୍ଗଦର୍ଶିକା ଜାରି କରାଯାଇଛି। ଆବେଦନକାରୀଙ୍କୁ ସଠିକ ସୂଚନା ପ୍ରଦାନ, ଆବେଦନ ପ୍ରକ୍ରିୟାକୁ ଠିକ୍ ଭାବରେ ନିର୍ବାହ କରି ମାର୍ଗଦର୍ଶିକା ଅନୁସାରେ'ସୁଭଦ୍ରା'ଯୋଜନାକୁ କାର୍ଯ୍ୟକାରୀ କରିବା ସଂପର୍କରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି ।

ଗତକାଲି ଗୁରୁବାର ଅପରାହ୍ଣରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଇଲୋକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ,ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗ୍ରାମ୍ୟ ଉନ୍ନୟନ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ସମବାୟ ବିଭାଗ କମିଶନର ତଥାଶାସନ ସଚିବ ଏବଂ ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ, ସଂପୃକ୍ତ ବିଭିନ୍ନ ବିଭାଗର ନିର୍ଦ୍ଦେଶକ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିବା ବେଳେ ରାଜ୍ୟର ସମସ୍ତ ରାଜସ୍ୱ ଆୟୁକ୍ତ, ଜିଲ୍ଲାପାଳ ଏବଂ ଅନ୍ୟ ସମସ୍ତ ମହାନଗର ନିଗମ କମିଶନରମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂପୃକ୍ତ ବିଭାଗ, ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ, ବ୍ଲକ ପ୍ରଶାସନ ଏବଂ ଜନ ପ୍ରତିନିଧିଆଦି ସମସ୍ତଙ୍କ ସହଯୋଗରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଗୁରୁତ୍ୱ ଦିଆଯାଉଛି। ସୁଭଦ୍ରା ଯୋଜନାରେ ସହାୟତା ପାଇବା ପାଇଁ ସମସ୍ତ ଆବେଦନକାରୀଙ୍କୁ କିପରି ସୁବିଧାରେ ଫର୍ମ ମିଳିବ, ସେଥିପାଇଁ ଫର୍ମ ସଂଗ୍ରହଓ ବଣ୍ଟନ, ଫର୍ମ ପୂରଣ ପରେପଞ୍ଜୀକରଣ, ପଞ୍ଜୀକରଣ ସମୟରେ ଆବେଦନକାରୀଙ୍କୁ ଚିହ୍ନଟ ପାଇଁ ଇ-କେୱାଇସି ଯାଂଚ, ଯୋଜନାର କାର୍ଯ୍ୟକାରିତା ନେଇ ଜିଲ୍ଲାସ୍ତରରେ ଓ ମହାନଗର ନିଗମ ସ୍ତରରେ ପ୍ରସ୍ତୁତି , ବିଡିଓ,ସିଡିପିଓ ମାନଙ୍କୁ ଏବଂ ମୋ ସେବା କେନ୍ଦ୍ର ଓ କମନ ସର୍ଭିସ୍ ସେଣ୍ଟର କର୍ମଚାରୀଙ୍କୁ ପ୍ରଶିକ୍ଷଣ, ଆବଶ୍ୟକସ୍ଥଳେ ଆଧାର ପଞ୍ଜୀକରଣ ଶିବିର କରାଯାଇ ଆଧାର ଅଦ୍ୟତନ କରାଯିବା ସଂପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସଂପୃକ୍ତ ସମସ୍ତଙ୍କୁ ମାର୍ଗ ଦର୍ଶିକାକୁ ଭଲ ଭାବେ ବୁଝି ତଦନୁସାରେ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଆବେଦନକାରୀଙ୍କୁବିଭିନ୍ନ ସ୍ତରରେ ଏବଂ ଭିନ୍ନ ଭିନ୍ନ ମାଧ୍ୟମରେ ଏ ସଂପର୍କରେପ୍ରଚାର, ପ୍ରସାର ଏବଂ ସଠିକ୍ ସୂଚନା ପ୍ରଦାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ସୂଚନା ଯୋଗ୍ୟ ଯେ, ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜିଲ୍ଲା, ପୌରାଂଚଳ ଏବଂ ବ୍ଲକ ସ୍ତରରେ ଏହି ଯୋଜନାର ମାର୍ଗଦର୍ଶିକା ଓ କାର୍ଯ୍ୟକାରିତା ସଂପର୍କରେ ବୈଠକ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନ ଜାରି ରହିଛି ।

# ତଥ୍ୟ ମିଳୁନଥିବା ସୁନାକୁ ଜବତ କଲା ତଦନ୍ତକାରୀ ଟିମ୍

ଭୁବନେଶ୍ୱର,୩୦।୮(ମହାଭାରତ): ଭୁବନେଶ୍ୱର ବିମାନବନ୍ଦରରୁ ସୁନା ଓ ରୁପା ଜବତ ଘଟଣା । ବକ୍ସ ଖୋଲିବା ପରେ ସାମ୍ନାକୁ ଆସିଲା ସୁନା ଓ ରୁପାର ରହସ୍ୟ । ବଡ଼ ବଡ଼ ବକ୍ସରେ ଥିଲା ସୁନା ଓ ରୁପା ଅଳଙ୍କାର । ସୁନାର ଇ-ୱେ ବିଲରେ ଲେଖାଥିଲା ୮୭ କିଲୋ, କିନ୍ତୁ ବକ୍ସ ଖୋଲିବା ପରେ ୩୦ କିଲୋ ସ୍ପଷ୍ଟ ହେଲା । ସେହିପରି ରୁପା ଇ-ୱେ ବିଲରେ ଲେଖାଥିଲା ୨ କୁଇଣ୍ଟାଲ, କିନ୍ତୁ ବକ୍ସ ଖୋଲିବା ପରେ ଦେଢ଼ କୁଇଣ୍ଟାଲ ଓଜନ ହୋଇଥିବା ଜଣାପଡିଛି । ୩୦ କିଲୋ ସୁନାରୁ ଅଢେଇ କିଲୋ ସୁନାର ତଥ୍ୟ ମିଳୁନି । କାଗଜପତ୍ର ଯାଂଚ ବେଳେ ଅଢେଇ କିଲୋ ସୁନା ତଥ୍ୟ ମିଳୁନି । ଅଢେଇ କିଲୋ ସୁନା କିଛି ଅନାମଧେୟ ବ୍ୟବସାୟୀଙ୍କ ନାଁରେ ଆସିଥିଲା । ସେହିପରି ରୁପା ୮୦ କିଲୋର ତଥ୍ୟ ମିଳୁନି । ତଥ୍ୟ ମିଳୁନଥିବା ସୁନାକୁ ଜବତ କରିଲା ତଦନ୍ତକାରୀ ଟିମ । ତଥ୍ୟ ମିଳୁନଥିବା ସୁନା ଓ ରୁପାକୁ ଟ୍ରେଜେରି ଅଫିସକୁ ପଠାଇବ ସିଟି ଜିଏସଟି । ନିର୍ଦ୍ଧାରିତ ସମୟ ଭିତରେ ଜବତ ସୁନା ଓ ରୁପା ର ତଥ୍ୟ ନମିଳିଲେ ବାଜ୍ୟାପ୍ତି କରାଯିବ ବୋଲି ସିଟି ଜିଏସଟି ପକ୍ଷରୁ ସୂଚନା ମିଳିଛି ।

# ସ୍ମାର୍ଟ ମିଟର ବିରୁଦ୍ଧରେ ଏକାଠ ହେଲେ ବିଭିନ୍ନ ରାଜନୈତିକ ଦଳ

ଭୁବନେଶ୍ୱର, ୩୦।୮(ମହାଭାରତ): ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ସ୍ମାର୍ଟ ବିରୋଧି ଆନ୍ଦୋଳନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ଚାଷୀମାନଙ୍କର ଗଣଆନ୍ଦୋଳନକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଆଜି ଏକ ଜରୁରୀ ବୈଠକରେ ଦୃଢ ସମର୍ଥନ ଜ୍ଞାପନ କରାଯାଇଛି । ଉପଭୋକ୍ତା ମହାସଂଘର ରାଜ୍ୟ ଅଧ୍ୟକ୍ଷ ପଂଚାନନ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ମହାସଂଘ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଏହାର ଆବାହକ ରବି ବେହେରା ସ୍ମାର୍ଟ ମିଟର ବିରୁଦ୍ଧରେ ବରଗଡ଼ରେ ମୁଣ୍ଡ ଟେକିଥିବା ଚାଷୀ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ଉପସ୍ଥିତ ସିପିଆଇ (ଏମ୍-ଏଲ୍) ଲିବରେସନ୍‌ର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ନିଜର ମତାମତ ଦେଇ ଯେପର୍ଯ୍ୟନ୍ତ ସ୍ମାର୍ଟ ମିଟରକୁ ଟାଟା ପାୱାର ସଠିକ୍ ବୋଲି ପ୍ରମାଣିତ ନ କରିଛନ୍ତି, ସେ ପର୍ଯ୍ୟନ୍ତ ମିଟର ଲଗାଇବା ସ୍ଥଗିତ ରଖିବାକୁ ଆହ୍ୱାନ ଦେଇଥିଲେ ।

ସିପିଏମ୍ ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ ଯୋଗଦେଇ ସ୍ମାର୍ଟ ମିଟର ଓଡ଼ିଶା ବାସୀଙ୍କୁ ଟାଟା ପାୱାରର ଶୋଷଣର ଏକ ଜାଲ ବୋଲି ମତବ୍ୟକ୍ତ କରିବା ସହିତ ତୁରନ୍ତ ସ୍ମାର୍ଟ ମିଟର ଲଗାଇବା ବନ୍ଦ ରଖିବାକୁ ଦାବି କରିଥିଲେ । ଅଧ୍ୟକ୍ଷ ଶ୍ରୀ କାନୁନ୍‌ଗୋଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ରବି ଦାସ ଟାଟା ପାୱାରର ସ୍ମାର୍ଟ ମିଟର ବସାଇବାକୁ ବିରୋଧ କରିବା ସହିତ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିବାକୁ ଆହ୍ୱାନ ଦେଇଥିଲେ । ତାହା ନ ହେଲେ ଆଗାମୀ ଦିନ ଯେଉଁ ଗଣ ଆନ୍ଦୋଳନ ମୁଣ୍ଡ ଟେକିବ ସେଥିପାଇଁ ଉପଭୋକ୍ତା ମହାସଂଘ ଦାୟୀ ରହିବ ବୋଲି ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଏଠାରେ ଉଲ୍ଲେଖଥାଉକି, ଟାଟା ପାୱାର ଓଡ଼ିଶାରେ ବିଦ୍ୟୁତ୍ ସେବା ଗ୍ରହଣ କରିବା ଦିନଠାରୁ ଟାଟା ପାୱାରର ଶୋଷଣରେ ରାଜ୍ୟବାସୀ ତ୍ରାହି ତ୍ରାହି ଡାକ ଦେଲେଣି ।

# ସମସ୍ତଙ୍କୁ ଏକଜୁଟ ହୋଇ କାମ କରିବାକୁ ନବୀନଙ୍କ ଆହ୍ୱାନ

ଭୁବନେଶ୍ୱର, ୩୦।୮(ମହାଭାରତ): ବିଜୁ ଛାତ୍ର ଜନତା ଦଳର କର୍ମକର୍ତାମାନଙ୍କର ଏକ ବୈଠକ ଶୁକ୍ରବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିରୋଧି ଦଳ ନେତା ତଥା ବିଜୁ ଜନତା ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଉଦବୋଧନ ଦେଇ ଦଳ ର ଛାତ୍ର, ଯୁବ, ମହିଳା ଶାଖା ସମସ୍ତେ ଏକଜୁଟ ହୋଇ ଦଳକୁ ଶକ୍ତିଶାଳୀ କରିବା ପାଇଁ କାମ କରିବାକୁ ଆହ୍ୱାନ ଜଣାଇଛନ୍ତି।

ଶ୍ରୀ ପଟ୍ଟନାୟକ କହିଲେଯେ ସେବା, ସଂଗ୍ରାମ, ସ୍ୱାଭିମାନ ଓ ସଚେତନତା ହେଉଛି ଦଳ ର ଆଦର୍ଶ. ଏକ ଆଞ୍ଚଳିକ ଦଳ ଭାବରେ ବିଜୁ ଜନତା ଦଳଗତ ୨୭ ବର୍ଷ ଧରି ଓଡିଶା ବାସୀଙ୍କ ସେବା କରିଆସୁଛି। ଛାତ୍ର ଯୁବକ, ମହିଳା, ଚାଷୀ ଶ୍ରମିକ ସମସ୍ତଙ୍କୁ ସାଥିରେ ନେଇ ଏହା ଆଜି ଏକ ସାମାଜିକ ଆନ୍ଦୋଳନ ରେ ପରିଣତ ହୋଇ ପାରିଛି। କ୍ଷମତା ନୁହେଁ ଲୋକ ଙ୍କ ସେବା ହି ବିଜେଡି ର ଲକ୍ଷ୍ୟ।

ଗତ ନିର୍ବାଚନ ବିଷୟ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନିର୍ବାଚନ ରେ ହାରଜିତ ଅଛି. ଗତ ନିର୍ବାଚନ ରେ ବିଜେଡି ୪୧.୦୨% ଭୋଟ ସହିତ ସର୍ବାଧିକସଂଖ୍ୟକ ଭୋଟ ପାଇଥିଲା।ଓଡିଶା ବାସୀ ଙ୍କ ଏ ଭଲ ପାଇବାହିଁ ବିଜେଡି ର ସବୁଠାରୁ ବଡ଼ ଶକ୍ତି ବୋଲି ଶ୍ରୀ ପଟ୍ଟନାୟକ ଦର୍ଶାଇଥିଲେ।

ବିଜେଡି ସରକାର ସମୟରେ ଶିକ୍ଷା ଓ କ୍ରୀଡା ର ବିକାଶ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେଏକ ନଲେଜ ଷ୍ଟୋରୀଗଠନଲକ୍ଷ୍ୟ ନେଇ ରାଜ୍ୟ ରେ ଗତ ସରକାର ସମୟରେ ଅନେକ ନୂଆ ମେଡିକାଲ କଲେଜ, ବୈଷୟିକ ଶିକ୍ଷନୁଷ୍ଠାନ ଗଠନ ହୋଇଥିଲା ଯାହାକି ଓଡିଶା କୁ ପୂର୍ବ ଭାରତ ର ଏକ ଏଜୁକେଶନାଲ ହବକରି ପାରିଛି। ସରକାରୀ




ସ୍କୁଲ ପିଲାଙ୍କ ପାଇଁ ମେଡିକାଲ ଏବଂ ଇଞ୍ଜିନିୟରିଂରେ ରିଜରଭେସନଏବଂ ୫ଟି ସ୍କୁଲ କଲେଜ ରୂପାନ୍ତର ସୁଫଳ ଦେବା ଆରମ୍ଭ କରିଛି। ବଣ୍ଡା ଜନଜାତିର ମଙ୍ଗଳା ମୁଦୁଲି ଆଜି ମେଡିକାଲ ପଢିବା ପାଇଁ ଅଲ ଇଣ୍ଡିଆ କମ୍ପିଟିସନରେ ସଫଳ ହେବା ଏହାର ଫଳ ଶ୍ରୁତି ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ ମଙ୍ଗଳା ମୁଦୁଲିଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ଓଡିଶା ଆଜି ଦେଶ ର ସ୍ପୋର୍ଟସ କ୍ୟାପିଟାଲ ହେବା ଆନନ୍ଦ ର କଥା ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ସୋସିଆଲ ମେଡ଼ିଆର ସମାଜ ଉପରେ ପ୍ରଭାବ ବିଷୟ ରେ ଅବତାରଣା କରି ଶ୍ରୀ ପଟ୍ଟନାୟକ ଛାତ୍ର ସମାଜ କୁ ସୋସିଆଲ ମିଡିଆରେ ଆକ୍ଟିଭରହିବା ପାଇଁ ପରାମର୍ଶ ଦେଇ ଭୁଲ ଖବର ଓ ମିଛ ଖବର ବିରୋଧ ରେ ସଂଗ୍ରାମ ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରତି ଘରକୁ୩୦୦ ୟୁନିଟମାଗଣା ବିଜୁଳି, ଓ ସବୁ ସାମାଜିକ ସୁରକ୍ଷା ହିତାଧିକାରୀ ଙ୍କୁ ୩୦୦୦ଟଙ୍କା ପେନସନସୁଭଦ୍ରା ଯୋଜନା ରେ ପଚାଶ ହଜାର ଆଦି ବିଜେପି ର ମିଛ ପ୍ରତିଶ୍ରୁତି ବିଷୟରେ ଲୋକଙ୍କୁ ସଚେତନ କରିବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ। ସେହିପରି ସୁଭଦ୍ରା ଯୋଜନା ରେ ମା ମାନଙ୍କୁ ପଚାଶ ହଜାର ଟଙ୍କା ଘୋଷଣା କରି ପାଞ୍ଚ ହଜାର ଟଙ୍କା କିସ୍ତି ଦେବା ନିଷ୍ପତ୍ତି ରେ ଶ୍ରୀପଟ୍ଟନାୟକ ନୈରାଶ୍ୟ ପ୍ରକାଶ କରିଥିଲେ।

ସମାଜ ସେବା, ପରିବେଶ ସୁରକ୍ଷା, ଗରିବ ଲୋକଙ୍କୁ ସାହାଯ୍ୟ ସହିତ ଓଡ଼ିଆ ସ୍ୱାଭିମାନ ର ସୁରକ୍ଷା ଦିଗରେ କାମ କରିବାକୁ ଶ୍ରୀ ପଟ୍ଟନାୟକ ଛାତ୍ର ସମାଜ କୁ ଆହ୍ୱାନ ଜଣାଇଥିଲେ। ଛାତ୍ର ସମାଜ କୁ ଭବିଷ୍ୟତର କର୍ଣ୍ଣଧାର ଭାବ ରେ ବର୍ଣ୍ଣନା କରି ପ୍ରତିବଦ୍ଧତା ର ସହ କାମ କଲେସଶକ୍ତ ଓଡିଶା ଗଠନ ରାସ୍ତା ପ୍ରଶସ୍ତ ହୋଇ ପାରିବ ବୋଲି ଶ୍ରୀ ପଟ୍ଟନାୟକ ଆଶା ବ୍ୟକ୍ତ କରିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇପ୍ସିତା ସାହୁ, ଅବିନାଶ ଠାକୁର ପ୍ରମୁଖ ଉଦବୋଧନ ଦେଇଥିଲେ।

# ନିଟ୍ ପରୀକ୍ଷାରେ ଉତୀର୍ଣ୍ଣ ପ୍ରଥମ ବଣ୍ଡା ଛାତ୍ର ମଙ୍ଗଳା ମୁଦୁଲିଙ୍କୁ ରାଜ୍ୟପାଳଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୦।୮(ମହାଭାରତ): ନିଟ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ବଣ୍ଡା ଆଦିମ ଜନଜାତିର ପ୍ରଥମ ଛାତ୍ର ମଙ୍ଗଳା ମୁଦୁଲିଙ୍କୁ ରାଜ୍ୟପାଳ ରଘୁବର ଦାସ ସମ୍ବର୍ଦ୍ଧିତ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ରାଜଭବନଠାରେ ରାଜ୍ୟପାଳ ଶ୍ରୀ ଦାସ କୃତୀ ଛାତ୍ର ମଙ୍ଗଳାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦୁଇ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି ଏବଂ ମଙ୍ଗଳାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ମଙ୍ଗଳାଙ୍କ ସହିତ କଥାବାର୍ତା ବେଳେ ତାଙ୍କର ବାପା, ମାଆ, ପରିବାର, ଚଳଣି ଏବଂ ଶିକ୍ଷା ସଂପର୍କରେ ରାଜ୍ୟପାଳ ପଚାରି ବୁଝିଥିଲେ।



ବିଭିନ୍ନ ଅସୁବିଧା ସତ୍ୱେ ମଙ୍ଗଳାଙ୍କର ଦୃଢ଼ ମନୋବଳ ଏବଂ ପରିଶ୍ରମ ତାଙ୍କୁ କେବଳ ସଫଳତାର ରାସ୍ତା ଦେଖାଇ ନାହିଁ; ବରଂ ଅନ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦାହରଣ ପାଲଟିଛି ବୋଲି ରାଜ୍ୟପାଳ କହିଥିଲେ। ଶୁକ୍ରବାର ଦିନ ମଙ୍ଗଳା ଏମ୍.କେ.ସି.ଜି ହସ୍ପିଟାଲ ଓ ମେଡିକାଲ କଲେଜରେ ଏମ୍.ବି.ଏସ୍.ଏସ୍ ପାଠ୍ୟକ୍ରମ ପାଇଁ ନାମ ଲେଖାଇଛନ୍ତି ଜାଣି ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ ଏବଂ ନିଜର ଲକ୍ଷ ହାସଲ ଦିଗରେ ଆଗେଇ ଯିବାକୁ ପ୍ରେରଣା ଦେଇଥିଲେ। ଏତଦ୍‌ବ୍ୟତୀତ ରାଜ୍ୟପାଳ ମଙ୍ଗଳାଙ୍କର ଏପରି କୃତିତ୍ୱ ପାଇଁ ଅନନ୍ୟ ଭୂମିକା ଗ୍ରହଣ କରିଥିବା ତାଙ୍କର ଶିକ୍ଷକ ଉତ୍କଳ କେଶରୀ ଦାସଙ୍କ ସହିତ ବାର୍ତାଳାପ କରିବା ସହ ସାଧୁବାଦ ଜଣାଇଥିଲେ। ସୂଚନାଯୋଗ୍ୟ ଯେ ମଙ୍ଗଳା ମୁଦୁଲି ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ବଡବେଲ ଗ୍ରାମର ହାଡ଼ି ମୁଦୁଲି ଏବଂ ଶ୍ରୀମତୀ ମଙ୍ଗୁଳି ମୁଦୁଲିଙ୍କର ସୁପୁତ୍ର ଅଟନ୍ତି। ସେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧିନସ୍ଥ ମୁଦୁଲିପଡ଼ା ବାଳକ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିଥିବା ବେଳେ ବୋଲଦିଆଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିଲେ।



ମହାଭାରତ

## ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ






# କେବେ ମହାନଦୀ ବିବାଦର ସମାଧାନ

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ୨୦୨୪ ଶେଷ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କିନ୍ତୁ ଏହି ସମୟ ମଧ୍ୟରେ ମହାନଦତୀ ବିବାଦର ସମାଧାନ ସମ୍ଭବ ହେଲା ଭଳି ଲାଗୁ ନାହିଁ। ଯଦି ଏହି ସମୟ ମଧ୍ୟରେ ବିବାଦର ସମାଧାନ ନହୁଏ ତେବେ ଏହାର କାର୍ଯ୍ୟକାଳ ଆହୁରି ବଢ଼ିବା ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଯେତେବେଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବ ରଖିଥିଲେ ସେତେବେଳେ ଅନେକ ଏହାକୁ ନାପସନ୍ଦ କରିଥିଲେ। ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ନଥିଲେ। ଓଡ଼ିଶାର ମଧ୍ୟ ଅନେକ ଏହାକୁ ନାପସନ୍ଦ କରିଥିଲେ। କାରଣ ହେଲା ଭାରତରେ ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି ସମସ୍ତେ ଜାଣନ୍ତି। ଟ୍ରିବ୍ୟୁନାଲ ଗଠନ ହେବାକୁ ଅନେକ ଦିନ ଲାଗିଗଲା। ଟ୍ରିବ୍ୟୁନାଲ ମାମଲାର ଫଇସଲା କରିବାକୁ ଅନେକ ଦିନ ଲାଗିଯିବ। ତେଣୁ ଏହି ପ୍ରକ୍ରିୟାରେ ତତ୍କାଳ ସଫଳତା ବା ନ୍ୟାୟ ମିଳିବାର ସମ୍ଭାବନା କ୍ଷୀଣ। ଆପୋଷ ଆଲୋଚନା ଏବଂ ଦ୍ୱିପାକ୍ଷିକ ସହମତି ଭିତ୍ତିରେ ସମସ୍ୟାର ସମାଧାନ ସପକ୍ଷରେ ଅନେକ ମତ ରଖିଥିଲେ। ଯେଉଁମାନେ ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରି ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା ବୋଲି କହିଥିଲେ, ସେମାନଙ୍କ ମତ ଏବେ ସତ ବୋଲି ଜଣାପଡୁଛି। ଅତୀତରେ କାବେରୀ ଜଳ ବିବାଦର ସମାଧାନ ଲାଗି ଏଭଳି ଉପାୟ ଅବଲମ୍ବନ ହୋଇଥିଲା। କିନ୍ତୁ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବିବାଦର ଅୟମାରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇଲେ ଏବଂ ଓଡ଼ିଶାରେ ଜଳସଙ୍କଟ ସୃଷ୍ଟି ହେଲା। ମହାନଦୀର ଉତ୍ପତ୍ତି ଛତିଶଗଡ଼ରେ ହୋଇଛି। ସେଠାରେ ଅନେକ ଛୋଟ ଛୋଟ ଉପନଦୀ ମଧ୍ୟ ମହାନଦୀରେ ମିଶିଛି। ଛତିଶଗଡ଼ ସରକାର ଏହି ଜଳର ଉଭୟ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଉପଯୋଗ ଲାଗି ମହାନଦୀ ଓ ଏହାର ଉପନଦୀ ଗୁଡ଼ିକରେ ୧୦ରୁ ଅଧିକ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରିଛନ୍ତି। ଏହିସବୁ ବ୍ୟାରେଜ ନିର୍ମାଣ ଦ୍ୱାରା ସେଠାରେ ପ୍ରଚୁର ଜଳ ସଞ୍ଚିତ ହୋଇ ରହୁଛି। ଏହାକୁ ସେଠାରେ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିନିଯୋଗ କରାଯାଉଛି। ଫଳରେ ଛତିଶଗଡ଼ର ଆର୍ଥିକ ବିକାଶ ସମ୍ଭବ ହୋଇପାରୁଛି। କିନ୍ତୁ ଓଡ଼ିଶା ଏହା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ତଳମୁଣ୍ଡକୁ ଜଳ ପ୍ରବାହ କମିଛି। ଛତିଶଗଡ଼ ସୀମା ଭିତରେ କଲମା ବ୍ୟାରେଜରେ ଜଳ ଉଛୁଳୁଥିବା ବେଳେ ଓଡ଼ିଶା ସୀମା ଭିତରେ ମହାନଦୀ ଶୁଖିଲା ପଡ଼ିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ଏବେ ମରୁଭୂମି ଭଳି ଲାଗୁଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ଅଧା ଅଞ୍ଚଳ ନିର୍ଭର କରନ୍ତି। କୃଷି ଏବଂ ଶିଳ୍ପ ସହିତ ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରି ଚଳନ୍ତି। ମହାନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ହେଲା ମହାନଦୀ। ଏବେ ମହାନଦୀ କୂଳରେ ବାସ କରୁଥିବା ଲୋକଙ୍କୁ ପାଣି ପାଇଁ ଡହଳ ବିକଳ ହେବାକୁ ପଡୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିଯିବା ଫଳରେ ଉଭୟ ବିଦ୍ୟୁତ ଉତ୍ପାଦନ ଏବଂ କୃଷି କ୍ଷେତ୍ରକୁ ଜଳସେଚନ ଗୁରୁତର ପ୍ରଭାବିତ ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ମଧ୍ୟ ଜଳସଙ୍କଟ ଦେଖାଦେଇଛି। ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଛି ମୁଣ୍ଡଲୀରୁ। ସେଠାରୁ ମହାଦୀର ବିଭିନ୍ନ ଶାଖା ପ୍ରଶାଖା ବାହାରି ଉପକୂଳ ଅଞ୍ଚଳରେ ଜାଲଭଳି ବିଛାଇ ହୋଇ ରହିଛି। କଟକ ଜିଲ୍ଲା ନରାଜ ଏବଂ ଯୋବ୍ରାରେ ନିର୍ମିତ ଆନିକଟରେ ଜଳାଭାବ ଦେଖା ଦେଇଛି। ଯୋବ୍ରାରୁ ପାରାଦ୍ୱୀପରେ ପ୍ରତିଷ୍ଠିତ ଆଇଓସିଏଲ ପ୍ଲାଣ୍ଟକୁ ଜଳଯୋଗାଣ ହେଉଛି। ଫଳରେ ଯୋବ୍ରାରେ ପାଣି ଅଭାବ ଦେଖିବାକୁ ମିଳୁଛି। କିଛି ବର୍ଷ ତଳେ ଯେତେବେଳେ ଆଇଓସିଏଲ ଯୋବ୍ରାରୁ ପାଣି ନେବ ବୋଲି ପ୍ରସ୍ତାବ ଆସିଥିଲା ସେତେବେଳେ ଏହାକୁ ବିରୋଧ କରାଯାଇଥିଲା ଏବଂ ଆଇଇସିଏଲ ମହାନଦୀ ମୁହାଣରେ ନିଜସ୍ୱ ଜଳଭଣ୍ଡାର ନିର୍ମାଣ କରୁ ବୋଲି ଅନେକ ମତବ୍ୟକ୍ତ କରିଥିଲେ। ବର୍ଷା ଦିନେ ମହାନଦୀରେ ଆସୁଥିବା ବନ୍ୟାଜଳକୁ ସେଠାରେ ସଞ୍ଚୟ କରାଯାଇ ଏହାକୁ ଶିଳ୍ପ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। କିନ୍ତୁ ଆଇଓସିଏଲ ଏହାକୁ କାର୍ଯ୍ୟକାରୀ କଲାନାହିଁ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ ହେତୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀ ଜଳ ବିବାଦ ଆରମ୍ଭରୁ ଛତିଶଗଡ଼ କହିଆସୁଛି ଯେ, ମହାନଦୀ ଉପରମୁଣ୍ଡରେ ନିଜ ଭୌଗଳିକ ସୀମା ଭିତରେ ଏହା ବ୍ୟାରେଜ ନିର୍ମାଣ କରିଛି। ଓଡ଼ିଶା ସରକାର ମଧ୍ୟ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ନିଜ ଆବଶ୍ୟକତା ପୂରଣ ନିମନ୍ତେ ଜଳସଞ୍ଚୟ କରିପାରିବେ। ଛତିଶଗଡ଼ ସରକାରଙ୍କ ଏହି ଯୁକ୍ତି ଅନେକାଂଶରେ ଯଥାର୍ଥ। ବର୍ଷା ଦିନେ ମହାନଦୀରେ ପ୍ରବାହିତ ହେଉଥିବା ବିପୁଳ ଜଳରାଶି ସମୁଦ୍ରକୁ ଚାଲିଯାଉଛି। ଓଡ଼ିଶା ସରକାର ଯେବେଠାରୁ ଛତିଶଗଡ଼ ସହ ମହାନଦୀ ଜଳବିବାଦରେ ଲିପ୍ତ ହେଲେଣି ସେବେଠାରୁ ଯୋଜନା କରିଥିଲେ ତଳମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ ହୋଇସାରନ୍ତାଣି। ଛତିଶଗଡ଼ ସରକାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ଆଗୁଆ ଟଙ୍କା ଆଣି ଏହିସବୁ ବ୍ୟାରେଜ ନିର୍ମାଣ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହା କରିପାରନ୍ତେ। ପ୍ରତିବର୍ଷ ବଜେଟରେ ଏଥିଲାଗି କିଛି ଅର୍ଥ ବରାଦ କରାଗଲେ ୧୦ ବର୍ଷରେ ସ୍ଥିତି ବଦଳିଯାଇପାରନ୍ତା। ଟ୍ରିବ୍ୟୁନାଲରେ ମାମଲା ଚାଲୁ। କିନ୍ତୁ ଏହାକୁ ଭରସା କରି ସମୟ ନଷ୍ଟ କରାଯିବା ଅନୁଚିତ। ପ୍ରତିବର୍ଷ ଏହି ପ୍ରସଙ୍ଗ ନେଇ ବିଧାନସଭାରେ ହଟ୍ଟଗୋଳ ହେଉଛି। ରାଜନୈତିକ କାଦୁଅ ଫିଙ୍ଗାରେ ସବୁ ଦଳ ବ୍ୟସ୍ତ। କିନ୍ତୁ ସମସ୍ୟାର ସମାଧାନ ଲାଗି କାହାର ଆନ୍ତରିକତା ନାହିଁ। ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ ନିମନ୍ତେ ଜଙ୍ଗଲ ବା ଚାଷ ଜମି ବୁଡ଼ାଇବାର ଆବଶ୍ୟକତା ନାହିଁ। ନଦୀ ଶଯ୍ୟା ଭିତରେ ଏହା ନିର୍ମିତ ହୋଇପାରିବ। କେବଳ ଏହି ଗୋଟିଏ ଯୋଜନା ଉପରେ ରାଜ୍ୟ ସରକାର ମନୋନିବେଶ କଲେ ଓଡ଼ିଶାର ଭାଗ୍ୟ ବଦଳିଯାଇପାରନ୍ତା। ଏବେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପି କ୍ଷମତାସୀନ ଅଛି। ତେଣୁ ବିବାଦର ସମାଧାନ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଏକ ମିଶନ ଭାବେ ବିବେଚନା କରନ୍ତୁ।

# ଶ୍ରୀଜୀଉଙ୍କ କାଳୀୟ ଦଳନ ବେଶ

## ବିପିନ ବିହାରୀ ରାଉତ

ଜନ୍ମାଷ୍ଟମୀ ଠାରୁ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଶ୍ରୀକୃଷ୍ଣ ଲୀଳାକ୍ରମରେ ଭାଦ୍ରବ କୃଷ୍ଣ ଏକାଦଶୀରେ ମହାପ୍ରଭୁଙ୍କ କାଳୀୟ ଦଳନ ବେଶ ସହ ଧେନୁକାସୁର ଓ କାଳୀୟ ଦଳନ ନୀତି ସଂପନ୍ନ ହୋଇଥାଏ। ତୀର୍ଥ ସରୋବର ମାର୍କଣ୍ଡେୟ ପୁଷ୍କରିଣୀରେ କାଳୀୟ ଦଳନ ନୀତି ପାରମ୍ପରିକ ନୀତିରେ ଅନୁଷ୍ଠିତ ହୋଇଥାଏ। ମଧ୍ୟାହ୍ନ ଧୂପ ଶେଷ ହୋଇ ପାଣିପଡ଼ି ଦକ୍ଷିଣ ଘର ଭୋଗ ସରିବା ପରେ ମଦନ ମୋହନ ଓ ରାମକୃଷ୍ଣ ଭିତର ସିଂହାସନକୁ ବିଜେ କରିଥାନ୍ତି। ମଧ୍ୟାହ୍ନ ଧୂପ ବେଶରେ ମହାପ୍ରଭୁଙ୍କୁ ୩ଖଣ୍ଡ ଆଜ୍ଞାମାଳ ଲାଗି କରାଯାଏ। ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ମହାଜନ ସେବକମାନେ ରାମକୃଷ୍ଣଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାନ୍ତି। ବିମାନବଡୁମାନେ ପାଲିଙ୍କି ଧରି ବଡ଼ ଦେଉଳକୁ ବେଢ଼ାଏ ପରିକ୍ରମା କରି ଠାକୁରମାନଙ୍କୁ ଗୋପପୁରକୁ ନେଇଥାନ୍ତି। ଲୋକନାଥ ରୋଡ଼ସ୍ଥିତ ବଲଣିଖିଆକୁ ପାଲିଙ୍କି ନିଆଯାଇଥାଏ। ମହାଭୋଇ ଘରର ବୋହୂମାନେ ବାଟରୁ ଠାକୁର ମାନଙ୍କୁ ବନ୍ଦାପନା କରି ପାଛୋଟି ନେଇଥାନ୍ତି। ଲବଣି ଖିଆଠାରେ ସର, ଲବଣି ଓ ଶୀତଳ ଭୋଗ ସହ ବନ୍ଦାପନା କରାଯାଏ। ଠାକୁରମାନେ ସେଠାରୁ ମାର୍କଣ୍ଡେୟ ପୁଷ୍କରିଣୀକୁ ବିଜେ କରନ୍ତି ଓ ସେଠାରେ ସଂପନ୍ନ ହୋଇଥାଏ କାଳୀୟ ଦଳନ ଲୀଳା। ମାର୍କଣ୍ଡେୟ ପୁଷ୍କରିଣୀକୁ କାଳିନ୍ଦୀ ହ୍ରଦ ରୂପେ କଳ୍ପନା କରାଯାଇ ଦୀପଦାଣ୍ଡି ଉପରେ ଏକ ମଞ୍ଚ ନିର୍ମାଣ କରାଯାଏ। ମାଟି ମଣ୍ଡପ ସାହିର ସାଉଟି ସୁବୁଦ୍ଧି କାଳୀକୃଷ୍ଣ ବେଶରେ ସଜ୍ଜିତ ହୋଇଥାନ୍ତି। ପରମ୍ପରା ଓ ପ୍ରଥା ଅନୁଯାୟୀ କନାରେ ନିର୍ମିତ କାଳୀୟ ସର୍ପ ଶ୍ରୀକୃଷ୍ଣଙ୍କ ଦଂଶନ କରିବା ପରେ ଗରୁଡ଼ ବେଶରେ ଜଣେ ସେବକ ଠାକୁରଙ୍କୁ ଅମୃତ ଲଡୁ ଦେଇ ବିଷ ହରଣ କରିଥାନ୍ତି। ଏହାପରେ କାଳୀୟ ଦଳନ ଲୀଳା ସଂପନ୍ନ ହୋଇଥାଏ।

ଶୀତଳ ଭୋଗ ବନ୍ଦାପନା ପରେ ମଦନ ମୋହନ ଓ ରାମକୃଷ୍ଣ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି। ଜୟ ବିଜୟ ଦ୍ୱାର ଠାରେ ଏକାଦଶୀ ଭୋଗ ଓ ବନ୍ଦାପନା କରାଯାଇଥାଏ। ମଦନ ମୋହନ ଓ ରାମକୃଷ୍ଣ ଦକ୍ଷିଣି ଘରକୁ ବିଜେ କରିବା ପରେ ଜଗନ୍ନାଥଙ୍କ ବାଡ଼ରେ କାଳୀୟ ଦଳନ ବେଶ କରାଯାଇଥାଏ। ଏହି ବେଶରେ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ର କାଠରେ ତିଆରି ଶ୍ରୀଭୂଜ ଓ ଶ୍ରୀପୟ ପରିହିତ କରିଥାନ୍ତି। ମହାରଣା, ଚିତ୍ରକର, ଦରଜି ଓ ସୋଲ କାରିଗରମାନଙ୍କ ଦ୍ୱାରା ୩ଫୁଟ ଲମ୍ବର କାଳୀୟ ସର୍ପ ତିଆରି କରାଯାଇଥାଏ। ପୁଷ୍ପାଳକ ସେବକ ସପ୍ତଫେଣା ବିଶିଷ୍ଟ ଏହି ସର୍ପକୁ ରତ୍ନ ସିଂହାସନ ଉପରକୁ ନେଇଥାନ୍ତି। ସର୍ପର ସପ୍ତଫେଣା ବିଶିଷ୍ଟ ମସ୍ତକ ମହାପ୍ରଭୁଙ୍କୁ ଶ୍ରୀ ପୟର ତଳେ ରଖାଯାଇଥିବା ବେଳେ ଲାଞ୍ଜ ରହିଥିଲା ଶ୍ରୀଜୀଉଙ୍କ ବାମହସ୍ତରେ। ଦକ୍ଷିଣହସ୍ତରେ ଶ୍ରୀଜଗନ୍ନାଥ ଅମୃତ ଲଡୁ ଧାରଣ କରିଥାନ୍ତି। ଦଣ୍ଡାୟମାନ ଭଙ୍ଗିରେ ରହିଥିବା ପ୍ରଭୁ ବଳଭଦ୍ରଙ୍କ ବାମ ହସ୍ତରେ ସୋଲରେ ତିଆରି ପଦ୍ମକଢ଼ି ଦକ୍ଷିଣ ହସ୍ତରେ ଅମୃତ ଲଡୁ ଶୋଭା ପାଆନ୍ତି। ପ୍ରଭୁ ବଳଭଦ୍ରଙ୍କ ଦୁଇପାର୍ଶ୍ୱରେ ରଖାଯାଇଥିଲା। ଗୋଟିଏ ଲେଖାଏଁ କାଠରେ ତିଆରି ଗାଇବାଛୁରୀ। ଶ୍ରୀଜୀଉମାନଙ୍କ ସମ୍ମୁଖରେ କନାରେ ତିଆରି ପଦ୍ମବଳା ରହିଥିବାବେଳେ ଶ୍ରୀ ମସ୍ତକରେ ଚୂଳ ଖଞ୍ଜାଯାଇ ସେଥିରେ ସ୍ୱର୍ଣ୍ଣକିଆ ଓ କେତକୀ ଲଗାଯାଇଥାଏ। ଏସବୁ ସାଜ ଠାକୁରମାନଙ୍କୁ ଲାଗି କରାଯାଇଥାଏ। ବିଭିନ୍ନ ରତ୍ନାଳଙ୍କାର ଦେବୀ ସୁଭଦ୍ରା ସାଧାରଣ ବେଶରେ ସଜ୍ଜିତ ହୋଇଥାନ୍ତି। ଶ୍ରଦ୍ଧାଳୁ ଓ ଭକ୍ତଜନଙ୍କ ଦର୍ଶନ ନିମିତ୍ତ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ଏହି ବେଶ ରହିଥାଏ। ସନ୍ଧ୍ୟାଧୂପ ଶେଷ ହୋଇ ପାଣି ପଡ଼ିବା ପରେ ଜଗନ୍ନାଥ ବଲ୍ଲଭ ମଠରୁ ଆସିଥିବା ବଡ଼ ଅମୃତ ଲଡୁ ପଳିଆ ଖୁଣ୍ଟିଆଙ୍କ ଠାରୁ ନେଇ ପୁଷ୍ପାଳକ ସେବକ ଶ୍ରୀହସ୍ତରେ ଲାଗି କରନ୍ତି। ଏହି ବେଶରେ ମହାପ୍ରଭୁ ଖଣ୍ଡିଏ ଆଜ୍ଞାମାଳ ଲାଗି କରାଯାଇଥାଏ। ସନ୍ଧ୍ୟାଧୂପ ପରେ ମଦନମୋହନ ଦକ୍ଷିଣଘରୁ ଭିତରକୁ ବିଜେ କରିନ୍ତି। ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ମଦନମୋହନଙ୍କୁ ଜଗମୋହନରେ ପଡ଼ିଥିବା ଘଟରେ ବିଜେ କରାଯାଇଥାଏ ଓ ସେଠାରେ ଓ ଧେନୁକାସୁର ବଧପ୍ରସ୍ତାବ ହୋଇଥାଏ। ପରମ୍ପରା ଅନୁଯାୟୀ କୁଣ୍ଠାଇବେ ସାହିର ପଥର ଆଖଡ଼ାରୁ ଧେନୁକାସୁର ବାହାରି ସାହି ପରିକ୍ରମା କରିବା ସହ ଦୋଳମଣ୍ଡପ ସାହି ଦେଇ ଶ୍ରୀମନ୍ଦିରକୁ ଆସିଥାଏ। ଧେନୁକାସୁର ପ୍ରସ୍ତାବ ପରଭୋଗ ବନ୍ଦାପନା ହୋଇ ମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥାନ୍ତି। ଏହିପରି ଭାବରେ ମହାପ୍ରଭୁଙ୍କ କଳୀୟ ଦଳନ ବେଶ, ନୀତି ଅନୁଷ୍ଠିତ ହୋଇଥାଏ ଓ ଏହାକୁ ଦର୍ଶନକରି ଅଶେଷ କୃପା ପ୍ରାପ୍ତି ପାଇଁ ପୁରୀ ଶ୍ରୀମନ୍ଦିରକୁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ହୋଇଥାଏ।


ତୁଳସୀପୁର କଟକ, E-mail : bipinrout@rediffmail.com


# ଅଲମ୍ପିକ୍ ବିଜେତା ଧ୍ୟାନଚାନ୍ଦ

## ପୁଷ୍ପମିତ୍ର ମହାପାତ୍ର

୧୯୦୫ ଆଜିର ଦିନରେ ଉତ୍ତରପ୍ରଦେଶର ଆଲ୍ଲାହାବାଦରେ ଜନ୍ମ ଗ୍ରହଣ କରିଥିଲେ ଭାରତୀୟ ହକି ଖେଳାଳୀ ଓ ଅଧିନାୟକ ଧ୍ୟାନଚାନ୍ଦ। ହକି ଖେଳରେ ବିଶ୍ୱର ଜଣେ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ଭାବେ ତାଙ୍କର ମାନ୍ୟତା ରହିଛି। ତାଙ୍କ ସମ୍ମାନର୍ଥେ ପ୍ରତି ବର୍ଷ ୨୯ ଅଗଷ୍ଟକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। ସେତେବେଳେ ଫ୍ଲଡ ଲାଇଟ ନଥିବାରୁ, ସେ ରାତିରେ ଜହ୍ନ ଉଇଁବା ପରେ ହକି ଅଭ୍ୟାସ କରୁଥିଲେ। ଏଥିପାଇଁ ସାଥୀମାନେ ତାଙ୍କୁ ସ୍ନେହରେ 'ଚାନ୍ଦ' ଡାକିବାକୁ ଆରମ୍ଭ କଲେ ଏବଂ ଧ୍ୟାନ ସିଂହରୁ ସେ ପାଲଟି ଯାଇଥିଲେ ଧ୍ୟାନ ଚାନ୍ଦ। ତାଙ୍କର ଅସାଧାରଣ ହକିଷ୍ଟିକ୍ ଚାଳନା ବଳରେ ଭାରତ ଏକଦା ବିଶ୍ୱ ହକିରେ ଆଧିପତ୍ୟ ବିସ୍ତାର କରିଥିଲା। ତାଙ୍କର କ୍ରୀଡ଼ାନୈପୁଣ୍ୟ, ଏକାଗ୍ରତା ଓ ଖେଳରେ ଗୋଲସ୍କୋରକୁ ଦେଖି କ୍ରିକେଟ କିମ୍ବଦନ୍ତୀ ଡନ୍ ବ୍ରାଡ଼ମ୍ୟାନ ଥରେ ଟିପ୍ପଣୀ ଦେଇଥିଲେ ଯେ, କ୍ରିକେଟରେ ରନ ସଂଗ୍ରହ କରିବା ଭଳି ଧ୍ୟାନଚାନ୍ଦ ହକିରେ ଗୋଲସ୍କୋର କରନ୍ତି। ମାତ୍ର ୧୭ ବର୍ଷ ବୟସରେ ସେ ପଞ୍ଜାବ ରେଜିମେଣ୍ଟରେ ଯୋଗଦେଇ ହକି ତାଲିମ ନେଇଥିଲେ। ସୈନ୍ୟବାହିନୀରେ ଚାକିରି ଅବସରରେ ୧୯୧୬ରେ ନ୍ୟୁଜିଲାଣ୍ଡ ଗ୍ରସ୍ତ କରି ଗୋଲରେ ଶତକ ପୂରଣ କରିଥିଲେ। ୧୯୩୬ ମସିହାରେ ଭାରତ ଇଂଲଣ୍ଡ ଅଧୀନରେ ଥିବା ସତ୍ତ୍ୱେ ବର୍ଲିନ ଅଲମ୍ପିକ୍‌ରେ ସେ ଇଂଲଣ୍ଡର ଜାତୀୟ ସଙ୍ଗୀତ ଗାନକୁ ବିରୋଧ କରି ବନ୍ଦେ ମାତରଂ ଗାଇ ଅପୂର୍ବ ଦେଶଭକ୍ତିର ପରିଚୟ ଦେଇଥିଲେ। ୧୯୨୮ ଆମଷ୍ଟରଡାମ ଅଲମ୍ପିକ୍‌ରେ ଭାରତ ମୋଟ ୨୯ ଗୋଲ କରିଥିବା ବେଳେ ଧ୍ୟାନଚାନ୍ଦ ଦେଇଥିଲେ ୧୫ ଗୋଲ। ୧୯୨୬ରୁ ଆରମ୍ଭ କରି ୧୯୪୮ରେ ଅବସର ନେବା ମଧ୍ୟରେ ଏକ ହଜାରରୁ ଅଧିକ ଗୋଲ ସ୍କୋର କରିଥିଲେ। ତିନୋଟି ଅଲମ୍ପିକ୍‌ରେ ଭାରତର ୧୦୨ଟି ଗୋଲ ମଧ୍ୟରୁ ଧ୍ୟାନଚାନ୍ଦଙ୍କ ଥିଲା ୩୮ଟି ଗୋଲ। ତେଣୁ ତାଙ୍କୁ ଗୋଲ ମେଶିନ ବୋଲି ମଧ୍ୟ କୁହାଯାଉଥିଲା। ୧୯୭୯ ଡିସେମ୍ବର ୩ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ ଭାରତରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। ତାଙ୍କ ସ୍ମୃତି ବହନ କରୁଛି, ନୂଆ ଦିଲ୍ଲୀର ଧ୍ୟାନ ଚାନ୍ଦ ନେସନାଲ ଷ୍ଟାଡିଅମ୍। ନବ ପିଢ଼ିକୁ ଗଢ଼ିବା ପାଇଁ ଶିକ୍ଷା ଭଳି କ୍ରୀଡ଼ା ମଧ୍ୟ ଆବଶ୍ୟକ। କ୍ରୀଡ଼ା ବାବଦରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଲକ୍ଷ୍ୟ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯


# ନାଗରିକ ଅଧିକାର ବ୍ୟକ୍ତିର ନିଜସ୍ୱ

## ଯୁଧିଷ୍ଠିର ମହାରଣା

ବ୍ୟକ୍ତି ଅଧିକାର ସଂପର୍କରେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ ବ୍ରିଟିସ ଚିକିତ୍ସକ ଓ ଦାର୍ଶନିକ ଜନ୍ ଲକ୍। ସେ ଉଦାରବାଦର ଜନକ ଭାବେ ସୁପରିଚିତ। ତାଙ୍କ ସମ୍ମାନର୍ଥେ, ତାଙ୍କ ଜନ୍ମ ଦିବସ ୨୯ ଅଗଷ୍ଟକୁ ବ୍ୟକ୍ତି ଅଧିକାର ଦିବସ ଭାବେ ପାଳନ କରାଯାଉଛି। ଲକ୍ ହିଛନ୍ତି ମାନବିକ ବା ନାଗରିକ ଅଧିକାର ବ୍ୟକ୍ତିର ନିଜସ୍ୱ। ସମାଜରୁ ମିଳୁଥିବା ସୁରକ୍ଷା ବଦଳରେ ମଣିଷ ନିଜର ପ୍ରାକୃତିକ ଅଧିକାରକୁ ସମର୍ପିତ କରୁଥିଲେ ମଧ ଜୀବନ, ସ୍ୱାଧୀନତା, ସଂପତ୍ତି, ବାକ୍-ସ୍ୱାଧୀନତା, ଧାର୍ମିକ ସ୍ୱାଧୀନତା ଏବଂ ସରକାରକୁ ଆବେଦନ କରିବାର ସ୍ୱାଧୀନତା, ତାର ଏକାନ୍ତ ନିଜସ୍ୱ ଅଧିକାର। ଏସବୁରୁ ତାକୁ କେବେ ହେଲେ ବଞ୍ଚିତ କରାଯାଇପାରିବ ନାହିଁ। ଲକ୍‌ଙ୍କ ଅନୁଗାମୀ ଅବ୍‌ଜେକଟିଭିଷ୍ଟ ପାର୍ଟିର ପ୍ରତିଷ୍ଠାତା ଡ.ଟମ୍ ଷ୍ଟିଭେନସ, ଲକଙ୍କ ଜନ୍ମ ଦିବସକୁ ବ୍ୟକ୍ତିଗତ ଅଧିକାର ଦିବସ ଭାବେ ପାଳନ କରିବା ଆରମ୍ଭ କରିଥିଲେ। ମଣିଷର ବ୍ୟକ୍ତିଗତ ଅଧିକାର ଓ ସ୍ୱାଧୀନତାର ମୂଲ୍ୟ ବୁଝିବା, ଲକଙ୍କ ରଚନାବଳୀ ପାଠ କରିବା, ଏହି ଦିନର ଲକ୍ଷ୍ୟ ହେଉ। 'ଏ ଲେଟର କନ୍‌ସର୍ନିଂ ଟୋଲେରେସନ୍', 'ଟୁ ଟ୍ରିଟିଜ୍ ଅଫ୍ ଗଭର୍ନମେଣ୍ଟ', 'ଆନ୍ ଏସେ କନ୍‌ସର୍ନିଂ ହ୍ୟୁମ୍ୟାନ ଅଣ୍ଡରଷ୍ଟାଣ୍ଡିଂ', 'ଅଫ୍ ଦ କନଡକ୍ଟ ଅଫ୍ ଦ ଅନଡରଷ୍ଟାଣ୍ଡିଂ' ଆଦି ତାଙ୍କର ପ୍ରସିଦ୍ଧ କୃତି ଅନ୍ତର୍ଭୁକ୍ତ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,


# ଖେଳରୁ ଶିକ୍ଷା

## ଯଶସ୍ୱିନୀ ପଟ୍ଟନାୟକ

ମହାନ ହକି ତାରକା ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଏହି ଦିବଟି ବେଶ ଜାକଜମକରେ ଅନୁଷ୍ଠିତ ହୋଇଥାଏ। ତୁମେ ଭଲ ଭାବେ ଜାଣିଛ ତୁମ ପାଇଁ ଖେଳର ଆକର୍ଷଣ ସ୍ୱତନ୍ତ୍ର। ଖେଳ ଦ୍ୱାରା ହିଁ ସେମାନଙ୍କ ମନରେ ନୂତନ ଶକ୍ତି ସଞ୍ଚାର ହୋଇଥାଏ। ତେବେ ଖେଳ କେବଳ ମଜାମସ୍ତି ପାଇଁ ଯେ ଆବଶ୍ୟକ ତା ନୁହେଁ ଖେଳ ମାଧ୍ୟମରେ ପିଲାମାନେ ଜୀବନର ଶିକ୍ଷା ବି ପାଇଥାନ୍ତି। ବିଭିନ୍ନ ପ୍ରକାର ଖେଳ ମାଧ୍ୟମରେ ତୁମ ମାନଙ୍କର ମନ ଖୁସି ହୋଇଥାଏ। ଆଉଟଡୋର ଗେମ ହେଉ ଅବା ଇନଡୋର ଗେମ ସବୁ ପ୍ରକାରର ଖେଳ ପିଲାଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଜରୁରୀ। ଖେଳ ମାଧ୍ୟମରେ ମାନସିକ, ଶାରୀରିକ ତଥା ବୌଦ୍ଧିକ ବିକାଶ ସହଜରେ ହୋଇଥାଏ। ବଡ଼କଥା ହେଉଛି ଏହି ଖେଳ ମାଧ୍ୟମରେ ପିଲାମାନେ ଅନେକ କିଛି ଶିଖିବାର ବି ସୁଯୋଗ ପାଇଥାନ୍ତି ଯାହା ସେମାନଙ୍କୁ ଜୀବନରେ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ। ତେବେ ଖେଳ ମାଧ୍ୟମରେ କେଉଁ ସବୁ ବିଷୟରେ ଶିକ୍ଷା ପାଇପାରିବେ ଜାଣି ରଖନ୍ତୁ।

ସର୍ବପ୍ରଥମେ ଏଥିରୁ ଦଳଗତ ଏକତାର ଶିକ୍ଷା ମିଳିଥାଏ। ବିଭିନ୍ନ ପ୍ରକାର ଖେଳ ଅଛି ଯେଉଁଠି ଜିତିବାକୁ ହେଲେ ଟିମ ଉପରେ ନିର୍ଭର କରିବାକୁ ହୁଏ। ତେଣୁ ନିଜ ଟିମରେ ଥିବା ସବୁ ଖେଳାଳିଙ୍କ ସହିତ ଏକ ସୁନ୍ଦର ସମ୍ପର୍କ ରଖିବାକୁ ହେବ। ସମସ୍ତଙ୍କ ସହ ବିଚାରବିମର୍ଷ କରି ସଫଳ ହେବା ପାଇଁ ଯୋଜନା ମଧ୍ୟ କରିବାକୁ ହୁଏ। ତେଣୁ ଖେଳିବା ଦ୍ୱାରା ପିଲାମାନେ ଦଳଗତ ଏକତା ସମ୍ପର୍କରେ ଶିକ୍ଷା କରିପାରିବେ। ଏହା ସହିତ ଟିମରେ ରହି ସାଙ୍ଗମାନଙ୍କ ସହିତ କିପରି ଭଲ ସମ୍ପର୍କ ରଖିବାକୁ ହେବ ସେକଥା ମଧ ଜାଣିପାରିବେ। ଏକାଠି ରହିବାର ଏହି ଭାବନା ସେମାନଙ୍କୁ ଭବିଷ୍ୟତରେ ନିଜ ଜୀବନ ଗଠନରେ ବି ଶିକ୍ଷା ଦେଇପାରିବ। ଆଉ ଗୋଟିଏ କଥା ହେଉଛି ପରିଶ୍ରମ, ଅଧ୍ୟବସାୟ ଓ ଚେଷ୍ଟା ଦ୍ୱାରା ଜୀବନରେ କିଛି ବି ଉପଲବ୍ଧି ହୋଇନଥାଏ। ଜୀବନରେ ସବୁକିଛି ସହଜରେ ମିଳି ନଥାଏ। ପ୍ରତ୍ୟେକ କାମରେ ସଫଳତା ପାଇବାକୁ ହେଲେ ପରିଶ୍ରମ କରିବା ଜରୁରୀ। ଏକଥା ମଧ ଖେଳ ମାଧ୍ୟମରେ ଶିଖିବାକୁ ମିଳିଥାଏ। କାରଣ ଖେଳରେ ଜିତିବା ପାଇଁ ହେଲେ ସମସ୍ତଙ୍କୁ ପରିଶ୍ରମ କରିବାକୁ ପଡ଼େ। କିଭଳି କୌଶଳ ଆପଣାଇବାକୁ ହେବ ସେ ନେଇ ବିଚାର କରିବାକୁ ହୁଏ। ତେଣୁ ଖେଳ ମାଧ୍ୟମରେ ପିଲାମାନେ ନିରନ୍ତର ଚେଷ୍ଟା କରିବା ଶିଖିଥାନ୍ତି।

ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ମନେ ରଖିବାକୁ ପଡ଼ିବ। କେବଳ ଖେଳରେ ନୁହେଁ ଜୀବନର ପ୍ରତିଟି ମୁହୂର୍ତ୍ତରେ ଜିତିବା ଓ ହାରିବା ଲାଗି ରହିଥାଏ। ତେଣୁ ଅନେକ କ୍ଷେତ୍ରରେ ହାରିବା ବା ବିଜୟରୁ ବଞ୍ଚିତ ହେବାକୁ ଜୀବନରେ ପ୍ରେରଣା ଭାବେ ଗ୍ରହଣ କରିବା ଉଚିତ। ଏହା ଯେପରି ନୈରାଶ୍ୟ ଭିତରକୁ ତୁମ ମାନଙ୍କୁ ନ ଠେଲି ଦେବ ସେ ଦିଗକୁ ଦେଖିବା ଉଚିତ। କିନ୍ତୁ ଜିତିବା ବଦଳରେ ହାରିବା ଅଧିକ ମହତ୍ୱ ରଖେ। କାରଣ ହାରିବାକୁ ମଧ ସେହିଭଳି ସକାରାତ୍ମକ ଢ଼ଙ୍ଗରେ ଗ୍ରହଣ କରିବାକୁ ହେବ। ନଚେତ ଖେଳର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇନଥାଏ। ହାରିବା ପରେ ଶିଖିବାକୁ ମିଳେ। ଆତ୍ମ ସମୀକ୍ଷା କଲେ ଜଣା ପଡ଼େ ଯେ କେଉଁ ସ୍ଥାନରେ କ'ଣ ସବୁ ଭୁଲ ହେଲା ଏବଂ କ'ଣ କରିଥିଲେ ସଫଳତା ମିଳିପାରିଥାନ୍ତା। ଆତ୍ମସଚେତନତା ହେଉଛି କ୍ରୀଡ଼ା ନୈପୁଣ୍ୟର ଏକ ବଡ଼ ସ୍ୱତନ୍ତ୍ରତା। ଖେଳରେ ପିଲାମାନେ ଦକ୍ଷତା ପ୍ରଦର୍ଶନ କରିବା ସହିତ ନିଜ ଦୁର୍ବଳତାକୁ ବି ଅନୁଭବ କରିବାର ସୁଯୋଗ ମିଳିଥାଏ। ତେଣୁ ପିଲାମାନେ ଏହି ଦୃଷ୍ଟିରୁ ସଚେତନ ହୋଇପାରନ୍ତି। ଆତ୍ମଶକ୍ତି ଓ ସାମର୍ଥ୍ୟକୁ ବୃଦ୍ଧି କରିବାର ସୁଯୋଗ ପାଇଥାନ୍ତି। ଅନ୍ୟ କାହାର ସାହାଯ୍ୟ ସମର୍ଥନ ମାଗିବା ପୂର୍ବରୁ ନିଜର ସାମର୍ଥ୍ୟକୁ ପ୍ରୟୋଗ କରନ୍ତି। ଖେଳ ମାଧ୍ୟମରେ ଏହି ଶିକ୍ଷା ପିଲାଙ୍କ ପାଇଁ ଜୀବନର ପ୍ରତି କ୍ଷେତ୍ରରେ ପ୍ରୟୋଗ କରିବାର ସୁଯୋଗ ଦେଇଥାଏ।

ସେହିପରି ଖେଳରେ ବିଭିନ୍ନ ସମୟରେ ରିସ୍କ ନେଇ ଖେଳିବାକୁ ହୁଏ। ଜିତିବା ପାଇଁ ହେଲେ ଖେଳର ଅବଧି ମଧ୍ୟରେ ବେଳେବେଳେ ବିଭିନ୍ନ ପ୍ରକାରର ରିସ୍କ ନେବାର ଆହ୍ୱାନ ଆସେ। ସେହିଭଳି ଜୀବନରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବାକୁ ହେଲେ ରିସ୍କ ନେବା ଦରକାର। ବେଳେ ବେଳେ ସବୁକ୍ଷେତ୍ରରେ ରହିଥିବା ସୀମା ବାହାର ବି କିଛି କରିବାକୁ ହୁଏ। ତାହା ହୁଏତ ନୈତିକ ଦୃଷ୍ଟିରୁ ହେଉ ଅବା ଆବଶ୍ୟକତା ହୋଇପାରେ। ତେଣୁ ଏହି ଶିକ୍ଷା ବି ଦେଇଥାଏ ଖେଳ। ଖେଳିବା ସମୟରେ ବିଶେଷକରି ବିଭିନ୍ନ ପ୍ରକାର ଖେଳରେ ଭିନ୍ନ ଭିନ୍ନ ସମୟରେ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ପଡ଼ିଥାଏ। ପରିଣାମ ଯାହା ବି ହେଉ କେବେ ହାର ମାନିବା ନାହିଁ। ଖେଳାଳିମାନଙ୍କୁ ସବୁବେଳେ ଏହି ଶିକ୍ଷା ଦିଆଯାଏ। ତେଣୁ ଖେଳ ହିଁ ପିଲାଙ୍କୁ ପ୍ରତି ମୁହୂର୍ତ୍ତରେ ଚ୍ୟାଲେଞ୍ଜ ନେବା ଶିଖାଇଥାଏ। ଯାହା ଜୀବନର ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରିବାର ଶିକ୍ଷା ଦେଇଥାଏ। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଆଗେଇ ନେବା ସହ ଆହ୍ୱାନକୁ ଗ୍ରହଣ କରି କ୍ରୀଡ଼ାକୁ ଜୀବନର ଏକ ଆଦର୍ଶ, ମୂଲ୍ୟବୋଧ, ଶିକ୍ଷା ଓ ଜୀବନ ଆନନ୍ଦର ଅନ୍ୟତମ ଉପଲବ୍ଧି ଭାବେ ଗ୍ରହଣ କଲେ ଜାତୀୟ କ୍ରୀଡ଼ା ଦିବସର ଗୁରୁତ୍ୱ ପ୍ରତିପାଦିତ ହୋଇପାରିବ।


ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ, ଇ-ମେଲ : jasaswinipattanaik78@gmail.com


# ବହୁଧନ ଚିନ୍ତାରେ ସମସ୍ତ ଲୋକମାନେ

## ଅଜୟ କୁମାର ବେହେରା

କୁହାଯାଏ ମହାଜନ ଓ ମହାଭଜ ଏମାନେ 'ମହା' ସମ୍ବନ୍ଧ ହେତୁ ଧନରେ ସର୍ବଦା ମତି ରଖିଥାନ୍ତି। ମହାଜନ ମାନେ ପୁଣି ଦୁଇ ଭାଗରେ ବିଭକ୍ତ। ଶାସ୍ତ୍ରଜ୍ଞାନରେ ଧନବାନ ଆଉ ଧନ କାରବାର କରି ଧନୀ ହୋଇଥାନ୍ତି ଏମିତି ଆଉ ଏ ଭାଗ ଧନୀ ଜନମତ ସପକ୍ଷ ପାଇ ଧନୀ ହୋଇପାରନ୍ତି। ଲହଡି ଗଣି ଧନୀ ହେବା କଥା ପିଲାବେଳେ ଆମେ ଶିଶୁ ସାହିତ୍ୟରେ ପଢ଼ିଛେ। ସମୁଦ୍ର ଲହଡ଼ି ଗଣତି କରିବା ସମ୍ଭବ ନୁହେଁ ହେଲେ ଏହାକୁ ଆଳକରି କେହି ବ୍ୟକ୍ତି ଯେ ଧନୀ ହୋଇପାରନ୍ତି ସେଥିରେ ବିଷୟବସ୍ତୁ ଶିରୋନାମାରେ ଏହା ଦର୍ଶାଯାଇଛି। ବିଲେଇ କପାଳକୁ ଶିଖା ଛିଡ଼ିବା। ଶିକାରେ ଦୁଗ୍ଧ ବା ଘୃତ ରହିଛି। ତଳେ ଥିବା ବିଲେଇ ଶିକାକୁ ଛୁଇଁ ପାରୁନାହିଁ ହେଲେ ବିଲେଇ ତଳେ ରହି ଶିକା ଛିଡ଼ି ତଳେ ଖସିପଡ଼େ ତେବେ ବିଲେଇର ଆନନ୍ଦ କହିଲେ ନସରେ। ଏହା ବିଲେର କପାଳ ବର୍ତ୍ତମାନ ଏପରି ଅବସ୍ଥା ରାଜକର୍ମଚାରୀଙ୍କ କ୍ଷେତ୍ରରେ ନେତାଙ୍କ କ୍ଷେତ୍ରରେ ଆସିଯାଉଛି।

ଦୀପ ତେଜିଲେ ହାତ ଚିକ୍କଣ। ଦୀପ ଜାଳିବା ପାଇଁ ଦୀପର ତେଜଣା ଦରକାର ପୁଣି ତେଜଣା ସେହି ଦୀପରେ ପଡ଼ିଥାଏ ବତୀକୁ। ଦୀପ ତଳେ ଭଣ୍ଡାରରୁ ଦୀପର ଜ୍ୱଳନ ଦିଗକୁ ତେଜିଲେ ଦୀପ ଜଳିଥାଏ। ଏ କାର୍ଯ୍ୟରେ ଦୀପ ତେଜିବା ଲୋକର ହାତରେ ଦୀପର ଜାଳେଣୀ ଲାଗେ। ଏ ଧାରରେ ଲୋକଙ୍କ ପାଇଁ କିଛି ଅତି ଦରକାରୀ କାର୍ଯ୍ୟର ବୟାନ ଦର୍ଶାଇ ସେ କାମରେ ଖର୍ଚ୍ଚାରୁ କିଛି ଉଦରସ୍ଥ କରାଇବା ମାନସରେ ଅନେକଙ୍କ ଏପରି ବୁଦ୍ଧି ସୃଷ୍ଟି କରିବାକୁ ହୁଏ। ସଭାରେ କାନ୍ଦି କାନ୍ଦି ଲୋକଙ୍କ ଅସୁବିଧା ଦର୍ଶାନ୍ତି। ଯାହା ମେଡ଼ିଆ ପ୍ରଚାର କରୁଛନ୍ତି, ଶେଷରେ ସରକାରୀ ନଥିରେ ଗ୍ରାହ୍ୟ ଓ ତେଜଣା ଧାରୀ ସିଂହଭାଗ ଶୁଖିଲାରେ ହାସଲ କରି ଧନୀ। ପଶୁ ବିକ୍ରୀ, ଜମି ବିକ୍ରୀ, ଦ୍ରବ୍ୟ ବିକ୍ରୀ ଏ ମଧ୍ୟରେ ଦଲାଲ ରହୁଛନ୍ତି। କ୍ରେତା ବିକ୍ରେତାଙ୍କ ଉଭୟଙ୍କ ଠାରୁ ପୁଣି ହାସଲ କରୁଛନ୍ତି। ଏଥିରେ ସେ ଧନୀ। ଏ ସମୟରେ ଜମି ବିକ୍ରୀକାରୀ ପ୍ରତ୍ୟକ୍ଷ ଗ୍ରାହକ ପାଉନାହାଁନ୍ତି କି ପ୍ରତ୍ୟକ୍ଷ ଗ୍ରାହକ ଜମି ବିକ୍ରେତାଙ୍କୁ ଖୋଜି ପାରୁନାହାଁନ୍ତି। ମହଙ୍ଗା ଜମିକୁ ଶସ୍ତା ଜମି ଆଖ୍ୟାରେ ପ୍ରଚାରରେ ଦଲାଲମାନେ ବିକ୍ରୟ କରାଇ ନିଜେ ଧନୀ ହେଉଛନ୍ତି। ପୂର୍ବେ ଜମିଦାରୀ ନିଲାମ ହେଉଥିଲା ନିଲାମଧାରୀ ଧରିଥିବା ଦରରୁ ଅନେକ ଅଧିକା ଦରରେ ଜମିଦାରୀକୁ ଅନ୍ୟକୁ ହସ୍ତାନ୍ତର କରୁଥିଲେ। ହାଇକୋର୍ଟ ବିଲ ପରେ ଜମି ଓଡ଼ିଶାରେ ଜମିଦାର ଜମିରୁ ନିଲାମସ୍ଥ ବହୁ ସମୟର ପଥ ହେଲେ ରାଜା ଆଦେଶ ରାତ୍ରି ପାହିଲେ ଜମିଦାରର ଜମି ଆଉ ତାର ଅଧିକାରରେ ରହୁନଥିଲା। ଅନ୍ୟ ଜଣେ ଦଖଲଦାର ହେଉଥିଲେ। ସୂର୍ଯ୍ୟାନ୍ତ ଆଇନ ବୋଲି ଏକ ଆଇନ ସେ ବେଳରେ ବଳବତ୍ତର ରହି ଅନେକ ବଙ୍ଗଦେଶୀଙ୍କୁ ଓଡ଼ିଶାର ଜମିଦାରୀ ଅଧିକାର କରାଇଥିଲେ। ଜମି ତ ସମ୍ପତ୍ତି ଏହାକୁ ବିକିଲେ ଧନ ଅମାପ ସବୁକଳରେ ମିଳେ। କଳାକାର ଗରିଗର ସୃଜନୀ ଶକ୍ତିର ଲୋକ ଏମାନଙ୍କ କଳାଚାତୁରୀରେ ରୋଜଗାର ଧନୀ ମାନଙ୍କର ଯୌନଚର୍ଯ୍ୟା ପାଇଁ ସୁନ୍ଦରୀ ନାରୀ ନର୍ତ୍ତକୀ ବାଇଙ୍କର ଅର୍ଥ ଅଭାବ ରହେନାହିଁ। ଶିକ୍ଷାଦାନରେ ଏ ସମୟରେ ବହୁ ପଇସା କୋଚିଂ ସେଣ୍ଟରରେ ଛାତ୍ର ଭିଡ଼ ଲାଗିରହିଛି ନାମ କରା କୋଚିଂ ସେଣ୍ଟର ନାମକରା ଶିକ୍ଷକ ଅନେକ ଅର୍ଥ ରୋଜଗାରରେ ଲିପ୍ତ ହୋଇ ଧନୀ। ରୋଗୀ ସଂଖ୍ୟା କମିବା ନାମ ଧରୁନାହିଁ। ରୋଗ ବଢ଼ିବାରେ ଲାଗିଛି। ନୂଆ ନୂଆ ଚିକିତ୍ସା ପଦ୍ଧତି ଯନ୍ତ୍ରପାତି ଔଷଧ ମିଳୁଛି। ଡାକ୍ତର ବଢୁଛନ୍ତି ଏହି ପ୍ରକାରରେ ଏଥିରେ ବି ବେଳକୁ ବେଳ ଭଲ ରୋଜଗାର ଏମାନେ ରୋଗୀଙ୍କ ପାଇଁ ରୋଗୀଙ୍କ ପଇସାରେ ଧନୀ। ନ୍ୟାୟପାଳିକା ଯୁଗେ ଯୁଗେ ବହୁ ପ୍ରକାର ବିଚାରାଳୟବାଦୀ ପ୍ରତିବାଦୀ ବିନା ଓକିଲରେ ମକଦ୍ଦମା ଲଢ଼ି ପାରିବେ ନାହିଁ ବାସ ମାମଲାରୁ କାର ସର୍ବନାଶ କାର ପୁଷମାସ ଧାରାରେ ଓକିଲମାନେ ଭଲ ବୃତ୍ତିଧାରୀ ଏଥିରୁ ଭଲ ପଇସା ମିଳୁଛି।

ଦୂର ରାଜ୍ୟ ଦୂର ଦ୍ରବ୍ୟ ଅନ୍ୟ ଋତୁର ଆମଦାନୀ ଦ୍ରବ୍ୟ ଆଣି ଖାଉଟିଙ୍କ ଘର ପାଖରେ ବିକ୍ରୟକାରୀ ଭଲ ପଇସା ଅର୍ଜନ କରୁଛନ୍ତି। ପୋଖରୀ ହ୍ରଦ ସମୁଦ୍ରରୁ ମାଛ ମାରି ତାକୁ ବିକ୍ରୟ କରି ଧନୀ ଖାତାକୁ ଆସିପାରନ୍ତି। ଗୁଜୁରାଣ ମେଣ୍ଟାଇବା ସହିତ ଧନ ସଞ୍ଚୟ କରିପାରନ୍ତି। ଜାଲ ପୋଲୁହ, ଖଇଞ୍ଚ, ଉତ୍ତରୀଜାଲ କଠି ଅଡ଼ା, ବନସୀ ଆଦିରେ ମାଛ ଧରାଯାଉଛି। ଏ ବୃତ୍ତିରେ କେହି କେବେ ବିଫଳ ନୁହଁନ୍ତି ସ୍ୱକୁଟୁମ୍ବ ସୁରୁଖୁରୁ ଚଳାଉଛନ୍ତି। ଏଥିରେ ପୁଞ୍ଜି ଅଧିକ ଲଗାଇ ଡଙ୍ଗା ଟ୍ରଲର କରି ଶୀଘ୍ର ଧନୀ ହୋଇପାରୁଛନ୍ତି। ଏବେ ଭଲ ବ୍ୟବସାୟ ରାଜନୀତି ହୋଇଗଲାଣି। ତ୍ୱରିତ ଧନୀରେ ଏ ବିଦ୍ୟା ବିଶେଷ କାମଧେନୁ ପାଲଟି ଗଲାଣି। ବଂଶାନୁକ୍ରମିକ ରାଜନୀତି ଚାଲିଛି ଏହା ଆଉ ବନ୍ଦ ହେବା ଜଣାପଡୁ ନାହିଁ। ଚିତ୍ତ ବିନୋଦନ ମନୋରଞ୍ଜନ ଧନ୍ଦାରେ ସିନେମା ଅପେରା ନାଚ ତମାସା ପାଲା ଦାଶ, କାଠିଆ ପ୍ରବଚନ ମେଲୋଡ଼ି ଆଦିରେ ଏବେ ଅନେକ ଦର୍ଶକ ଶ୍ରୋତା ଟିଭି ମୋବାଇଲରେ ଅନେକ ଦର୍ଶକ ବଢୁଛନ୍ତି। ଏସବୁରେ ଆସୁଥିବା କଳାକାରଙ୍କ ରୋଜଗାର କମ ନୁହେଁ କମ୍ପାନୀ ଲାଲେଲାଲ। ମେହେନ୍ତର କାର୍ଯ୍ୟ ଦିନେ ଏକ ନିନ୍ଦନୀୟ ଥିଲା। ଏବେ ଏହା ବିଶେଷ ରୋଜଗାରର ଉତ୍ସ ହେଲାଣି। ଝାଡୁଦାର କାମ ବି ହୀନବୃତ୍ତି ନୁହଁ। ଦ୍ୱାରପାଳ ଦରଓ୍ୱାନ ସିକ୍ୟୁରିଟି ବୃତ୍ତି ବି ରୋଜଗାରୀ ହେଲାଣି। ସୁନା ମହଙ୍ଗା ହେଲେ ବି ସୁନା ଦୋକାନର ବାଲି ଧୂଳି ବି ଚଢ଼ାଦାମ। ଏଥିରୁ ଘୁ ଧୂଆ ବ୍ୟକ୍ତିମାନେ ସୁନାରେଣୁ ସଂଗ୍ରହ କରି ତାକୁ ତରଳାଇ ଭଲ ସୁନା କରି ବିକ୍ରୟ କରି ଧନୀ ହେଉଛନ୍ତି। ଛିଣ୍ଡା କପଡ଼ା, ପରିତ୍ୟକ୍ତ କାଗଜ, ପରିତ୍ୟକ୍ତ ଚୁଟି, ନାନାଦି ଅଳିଆ ମଇଳା ଆଦି ସଂଗ୍ରହକାରୀ ତାକୁ କିଛି ଚଢ଼ା ଦରରେ ବିକ୍ରୀକରି ଧନୀ ହେଉଛନ୍ତି କବାଡ଼ି ବାଲା ସବୁ ପରିତ୍ୟକ୍ତ ଗାଡ଼ି ଗାଡ଼ିର ଚକା ବ୍ୟାଟ୍ରି ଗାଡ଼ିର ଅଂଶ ସଂଗ୍ରହ ଓ ବିକ୍ରି କରି ଧନୀ ହେଉଛନ୍ତି। ଏପରି ଅନେକ ଧନ ଅର୍ଜନ ପଥ ଏବେ ବହୁ ଲୋକଙ୍କୁ କର୍ମମୁଖର କରିଛି ହେଲେ ଶୁଦ୍ଧ ବୈଷୟିକ କୌଳିକ ବୃତ୍ତି ଏବେ ଅବହେଳିତ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ଓଡ଼ଗାଁ ଏନ୍ଏସିରେ ହୋଲ୍ଡିଂ ଟ୍ୟାକ୍ସ ଝଡ଼

# ତାଲିକା ଦେଖି ଲୋକ ଛାନିଆ, ରାଜସ୍ୱ ଆଦାୟରେ ଓଡ଼ଗାଁ ପଛୁଆ

ଓଡ଼ଗାଁ, ( ମହାଭାରତ ) : ୨୦୧୭ ମସିହାରେ ଓଡ଼ଗାଁ ଏନ୍ଏସି ମାନ୍ୟତା ଲାଭ କଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ନିର୍ବାଚନ ନ ହେବା ଏନ୍ଏସି ବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏବେ ହୋଲ୍ଡିଂ ଟ୍ୟାକ୍ସକୁ ଦେଖି ଲୋକଙ୍କ ମୁଣ୍ଡ ଗୋଲ ହୋଇଯାଇଛି। ଲୋକଙ୍କ ଉପରେ ଅତିରିକ୍ତ ବୋଝ ପଡ଼ିବା ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଓଡ଼ଗାଁ ରାଜସ୍ୱ ଆଦାୟରେ ପଛୁଆ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଓଡ଼ଗାଁ ଏନ୍ଏସିରେ ୧୫ଟି ୱାର୍ଡ ରେ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସରକାରୀ ନିୟମ ଅନୁଯାୟୀ, ଏନ୍ଏସିରେ ଘର ନିର୍ମାଣ କରିଥିବା ପରିବାର ହୋଲ୍ଡିଂ ଟ୍ୟାକ୍ସ ଦେବାକୁ ବାଧ୍ୟତାମୂଳକ। ଗୃହ




ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ମୂଲ୍ୟାୟନ କରି ମୋଟ ୫ ହଜାର ୩୮୩ ପରିବାର ଉପରେ ହୋଲ୍ଡିଂ ଟିକସ ପକାଇଛି। ଏନ୍ଏସି ପକ୍ଷରୁ ପ୍ରତି ୱାର୍ଡ ରେ କେଉଁ ପରିବାର ଉପରେ କେତେ ଟ୍ୟାକ୍ସ ବାକି ଅଛି ତା'ର ତାଲିକା ଲଗାଯାଇଛି। କିନ୍ତୁ ଏହି ତାଲିକା ଦେଖିବା ପରେ ଏନ୍ଏସି ବାସୀଙ୍କ ମୁଣ୍ଡ ଗୋଲ ହୋଇଯାଇଛି। କାହା ଉପରେ ୨୦ ହଜାର ତ ଆଉ କାହା ଉପରେ ୩୦ ହଜାର ଟଙ୍କା ଟ୍ୟାକ୍ସ ବାକି ଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। କିନ୍ତୁ ଏନ୍ଏସି ଏହି ଅର୍ଥର ୧୨ ପ୍ରତିଶତ ଟିକସ ଆଦାୟ କରିବାକୁ ନିୟମ ଥିବା ବେଳେ ଲୋକଙ୍କୁ ସେ ସଂପର୍କରେ ସୂଚନା ଦିଆଯାଇ ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି, ଏନ୍ଏସି ମାନ୍ୟତା ଲାଭ କରିବା ପରଠାରୁ ଅର୍ଥାତ ୭ ବର୍ଷ ହେବ ଲୋକଙ୍କଠାରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ନ କରିବା ପଛର କାରଣ କ'ଣ ବୋଲି ଲୋକେ ଜାଣିବାକୁ ଚାହିଁଛନ୍ତି। ଏହା ଭିତରେ ଏନ୍ଏସିକୁ କେତେ ଅଧିକାରୀ ଆସିକି ଗଲେଣି କିନ୍ତୁ କେବେ କାହାଠାରୁ ଟ୍ୟାକ୍ସ ଆଦାୟ ନ ହେବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ଘଟଣାରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଓଡ଼ଗାଁ ଏନ୍ଏସିରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ଘଟଣାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଲୋକଙ୍କ ଘର ଭାଲୁଏସନ୍ର ତାଲିକା ଆମେ ପ୍ରତି ୱାର୍ଡ ର କୋଠଘରେ ଲଗାଇଛୁ। ସେହି ଭାଲୁଏସନ୍ର ୧୨ ପ୍ରତିଶତ ରାଶି ସେମାନେ ସରକାରଙ୍କୁ ଦେବେ। ଏହି ୧୨ ପ୍ରତିଶତରୁ ୬ ପ୍ରତିଶତ ହୋଲ୍ଡିଂ ଟ୍ୟାକ୍ସ, ୪ ପ୍ରତିଶତ ଲାଇଟ୍ ଓ ୨ ତିଶତ ଡ୍ରେନ୍ ପାଇଁ ଆଦାୟ କରାଯାଉଛି। ଘର ଭାଲ୍ୟୁସନର ୧୦ ବର୍ଷ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ଓ ଲୋକେ ୧୨ ପ୍ରତିଶତ ବର୍ଷିକ ଟ୍ୟାକ୍ସ ବାନ୍ଧିବେ ବୋଲି ଏନ୍ଏସି ଅଧିକାରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏହା ସହିତ ସେ କହିଛନ୍ତି, ଆମେ ଘରର ଭାଲୁଏସନ ପାଇଁ ଏହି ତାଲିକା ଲଗାଇଛୁ । ଏଥିରେ ଏନ୍ଏସି ବାସିନ୍ଦା କିଛି ବିବ୍ରତ ହେବାର ନାହିଁ। ତେବେ ଓଡ଼ଗାଁ ଏନ୍ଏସି ମାନ୍ୟତା ପାଇବାଠାରୁ ରାଜସ୍ୱ ଆଦାୟ କମ୍ ଯୋଗୁ ସରକାରୀ ପାଣ୍ଠି ଆସିବାରେ ଅସୁବିଧା ହେଉଥିବା ଅନ୍ୟ ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି କହିଛନ୍ତି।

# ଗୋମାତାଙ୍କୁ ମାରଣାନ୍ତକ ଆକ୍ରମଣ: ସବୁରି ମହଲରେ ନିନ୍ଦା

ଖୋର୍ଦ୍ଧା:(ମହାଭାରତ) ଗତ ୨୫ତାରିଖ ମୁକୁନ୍ଦପ୍ରସାଦ ଗ୍ରାମର ମହମ୍ମଦ ସାଜିଦଙ୍କ ହତ୍ୟାକୁ ନେଇ ଖୋର୍ଦ୍ଧା ସହରରେ ଚହଳ ପଡ଼ି ଯାଇଥିଲା। ଖୋର୍ଦ୍ଧା ଜଟଣୀ ମୁଖ୍ୟ ରାସ୍ତା ଅବରୋଧ ଯୋଗୁଁ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥଲା ।ଏହାରି ଭିତରେ ମୃତକ ସାଜିଦଙ୍କ ସମ୍ପର୍କୀୟଙ୍କୁ ଧରି କିଛି କୁଚକ୍ରୀଗୋଷ୍ଠୀ ଶତାଧିକ ସଂଖ୍ୟାରେ ମୁକୁନ୍ଦପ୍ରସାଦ ଦଧିବାମନ ସାହି, ମାଳିସାହି, ପୋଡାସାହି, ଜେନା ସାହି ପ୍ରଭୃତିରେ ପଶି ଘରଦ୍ୱାର, ଗାଡି ଭଙ୍ଗାରୁଜା କରିବା ସହ ପ୍ରାଣନାଥ କଲେଜ ରୋଡରେ ଥିବା ଏକ ଗୋଶାଳାରେ ପଶି ଗୋରୁଙ୍କୁ ଯେଉଁଭଳି ମରଣାନ୍ତକ ଆକ୍ରମଣ କରିବା ଏବଂ ଏକ ମନ୍ଦିରର ମୁଖଶାଳା କୁହା ଯାଉଥିବା ଦ୍ୱାରରେ ଥିବା ସିଂହ ମୂର୍ତ୍ତି ଭାଙ୍ଗିବାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମନରେ ଅସନ୍ତୋଷ ବଢୁଛି। ଏକ ବ୍ୟବସାୟିକ ବା ବ୍ୟକ୍ତିଗତ ଘଟଣାକୁ ନେଇ ଖୋର୍ଦ୍ଧାଭଳି ଏକ ଶାନ୍ତିପ୍ରିୟ ଏବଂ ଭାଇଚାରାରେ ବିଶ୍ୱାସ ରଖୁଥିବା ଅଞ୍ଚଳକୁ ଅଶାନ୍ତ କରିବା ପରି ହିନ ପ୍ରୟାସକୁ ବିଭିଓ ମହଲରେ ନିନ୍ଦା କରାଯାଇଛି । ଗୋଶାଳାରେ ପଶି ଦୁର୍ବୃତ୍ତ ସମସ୍ତ ଜିନିଷ ପତ୍ର ଭାଙ୍ଗିଦେଇଥିବା ସହିତ ଏକ କୁନି ବାଛୁରୀକୁ ଅତି ନୃଶଂସ ଭାବେ ହଣା ଯାଇଥିବା ବେଳେ ଏକ ଷଣ୍ଡ ଓ ଅନ୍ୟ କେତେକ ଗାଇଙ୍କ ଗୋଡକୁ ଦୁର୍ବୃତ୍ତମାନେ ଆକ୍ରମଣ କରି ଗୁରୁତର ଆଘାତ ପହଞ୍ଚାଇଥିବା ଅଞ୍ଚଳର ଗୋସୁରକ୍ଷା କର୍ମୀମାନେ ଅଭିଯୋଗ କରିଛନ୍ତି । ଗୋମାତା ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର । ଗୋମାତା ଭାରତୀୟ କୃଷି, ପରିବେଶ ଓ ଅର୍ଥତନ୍ତ୍ରର ଆଧାର । ଗାଈର ଗୋବରରୁ ଆଜି ଉତ୍କୃଷ୍ଟ କ୍ୟାରଙ୍ଗ, ଦନ୍ତମଞ୍ଜନ, ସାବୁନ୍, ଜୈବିକ ଖତ, ଅମୃତ ପାଣି, ଧୂପ, ଦୀପ, ମଶାଧୂପ ଏବଂ ଗୋମୂତ୍ରରୁ କୀଟନାଶକ, ବିଶୋଧକ, ଫିନାଇଲ୍, ଅର୍କ ଓ ଘନବଟି ଆଦି ଔଷଧ ପ୍ରସ୍ତୁତ ହେଉଛି । ମାତ୍ର ଦାୟିତ୍ୱହୀନ, ନିହିତ ସ୍ୱାର୍ଥ ବ୍ୟକ୍ତିମାନେ ଏହିପରି ଉପକାରୀ ପ୍ରାଣୀର ହତ୍ୟା ବା ଗୁରୁତର ଆଘାତ ଦେବାକୁ ପଛାଉନଥିବାବେଳେ ଏହି ଅଭିଯୁକ୍ତମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଲାଗି ବିଭିଓ ମହଲରୁ ଦାବି ହେଉଛି ।ବରିଷ୍ଠ ଆଇନଜିବୀ ଅଜିତ କୁମାର ପଟ୍ଟନାୟକ କହିଛନ୍ତି ଯେ ଯେଉଁ ଉଚ୍ଛୃଙ୍ଖଳ ଯୁବକମାନେ ଏଭଳି ଅମାନବୀୟ କାର୍ଯ୍ୟ କରିଛନ୍ତି ସେମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଠାନ ଜିଲ୍ଲା ପ୍ରଶାସନ ନେବାର ଆବଶ୍ୟକ ରହିଛି ଏବଂ ଏହା ସହିତ ସେମାନଙ୍କ ଦ୍ୱାରା ଯେଉଁ ସବୁ କ୍ଷତି ହୋଇଛି ତାହାର କ୍ଷତିପୂରଣ ଉକ୍ତ ବ୍ୟକ୍ତି ବିଶେଷଙ୍କ ଠାରୁ ଭରଣା କରାଯାଉ । ଫଳରେ ଏ ଉଚ୍ଛୃଙ୍ଖଳତା କମିବ । ନିରୀହ ଗୋମାତାଙ୍କୁ ଆକ୍ରମଣ କରିବା ଓ ମନ୍ଦିର ଭାଙ୍ଗିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ । ସେହିପରି ଶକ୍ତିଶଙ୍କର ମିଶ୍ର କୁହନ୍ତି ଗତ ୨୫ତାରିଖରେ ମୁକୁନ୍ଦ ପ୍ରସାଦ ଅଞ୍ଚଳରେ ଘଟିଥିବା ଘଟଣା ଖୋର୍ଦ୍ଧା ଜିଲ୍ଲା ପାଇଁ ଏକ ଦୁଃଖଦାୟକ ଘଟଣା । ଏକ ବ୍ୟକ୍ତିଗତ ବା ବ୍ୟବସାୟିକ ଘଟଣାକୁ ସମ୍ପ୍ରଦାୟିକ ରୂପ ଦେବା ଏଂ ଏହାରି ଫାଇଦା ନେଇ ନିରୀହ ଗୋମାତାଙ୍କୁ ଆକ୍ରମଣ କରିବା ଘଟଣା ଅତ୍ୟନ୍ତ ନୀନ୍ଦନୀୟ ।ଦୋଷୀଙ୍କ ବିରୋଧରେ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରୁ। ଅନ୍ୟପକ୍ଷେ ସମାଜସେବୀ ଶୋଭନ ଘୋଷ ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଏଠାରେ ସବୁ ଧର୍ମର ଲୋକେ ବସବାସ କରନ୍ତି । ସଭିଏଁ ନିଜ ଧର୍ମକୁ ସମ୍ମାନ ଦେଇ ବିଧିପୂର୍ବକ ତାଙ୍କର ପୂଜାବିଧି ପାଳନ କରୁଛନ୍ତି । ତେବେ ହିନ୍ଦୁ ରାଷ୍ଟ୍ରରେ ହିନ୍ଦୁମାନେ ଗାଈକୁ ମାତା ଭାବେ ପୂଜା କରି ଆସୁଛନ୍ତି । କିନ୍ତୁ କିଛିଦିନ ହେବ କିଛି କୁଚକ୍ରୀଗୋଷ୍ଠୀ ଖୋର୍ଦ୍ଧାରେ ଅଶାନ୍ତି କରିବାକୁ ଲାଗିଛନ୍ତି । ଗତକାଲି ବ୍ୟକ୍ତିଗତ ଘଟଣାକୁ ଗୋଷ୍ଠି ସଂଘର୍ଷରେ ପରିଣତ କରି ଗୋରୁ ଗାଈଙ୍କୁ ହାଣି ସବୁ ଗୋ ପ୍ରେମୀଙ୍କ ମନରେ କଷ୍ଟ ଦେଇଛନ୍ତି । ଏଭଳି କଦର୍ଯ୍ୟ କାର୍ଯ୍ୟ କରିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

# ପାରାଦୀପ ବନ୍ଦରକୁ 'ମେଜର ପୋର୍ଟ ଅଫ୍ ଦି ଇୟର ନନ୍ କଣ୍ଟେନେରାଇଜଡ୍ କାର୍ଗୋ' ପୁରସ୍କାର



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣକୁ ମିଳିଛି ମେଜର ପୋର୍ଟ ଅଫ୍ ଦି ଇୟର ନନ୍ କଣ୍ଟେନେରାଇଜଡ୍ କାର୍ଗୋ' ପୁରସ୍କାର। ନିକଟରେ ମୁମ୍ବାଇର ଜେଡବ୍ଲୁ ମ୍ୟାରିଅଟ୍ ଠାରେ ଅନୁଷ୍ଠିତ ଚଉଦତମ ସର୍ବଭାରତୀୟ ମ୍ୟାରିଅଟ୍ ଓ ଲଜିଷ୍ଟିକ୍ସ ସମାରୋହରେ ପାରାଦୀପ ବନ୍ଦରକୁ ମେଜର ପୋର୍ଟ ଅଫ୍ ଦି ଇୟର ନନ୍ କଣ୍ଟେନେରାଇଜଡ୍ କାର୍ଗୋ' ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ଜବାହରଲାଲ ନେହେରୁ ବନ୍ଦର ପ୍ରାଧିକରଣର ଅଧକ୍ଷ ତଥା ଇସ୍ରାଏଲର ପରାମର୍ଶଦାତା ଜେନେରାଲଙ୍କ ଠାରୁ ପାରାଦୀପ ବନ୍ଦର ମୁଖ୍ୟ ପରିଚାଳକ (ବିଡିଟିପି) ରାମକାନ୍ତ ସାହୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ପାରାଦୀପ ବନ୍ଦରକୁ ଏହି ସମ୍ମାନଜନକ ପୁରସ୍କାର ମିଳିବା ବନ୍ଦରର ସମସ୍ତ କରମଚାରୀଙ୍କୁ ଉତ୍ସାହିତ ସହ ପ୍ରେରଣା ଯୋଗାଇବ ବୋଲିବନ୍ଦର ଅଧକ ପିଏଲ୍ ହରାନାଧ କହିଛନ୍ତି ।

# ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ଉପରେ କର୍ମଶାଳା

ଆସିକା(ମହାଭାରତ): ରାଜ୍ୟ ସରକାର ମହିଳା ମାନଙ୍କୁ ସଶକ୍ତ କରି ଆତ୍ମନିର୍ଭରଶୀଳ କରିବା ଦିଗରେ ନେଇଥିବା ପଦକ୍ଷେପ ସୁଭଦ୍ରା ଯୋଜନା ର ସଫଳ ରୂପାୟନ କରିବା ଦିଗରେ ଆଜି ଆସିକା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ କର୍ମଶାଳା ଆସିକା ବିଡ଼ିଓ ଫକୀର ଚରଣ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ, ଶିଶୁ ବିକାଶ ପ୍ରକଳ୍ପ ର ଅଂଚଳ ପରିଦର୍ଶିକା ସବିତା ସାବତ, ଭାରତୀୟ ଷ୍ଟେଟ ବ୍ୟାଙ୍କ କୃଷି ଶାଖା ର ପରିଚାଳିକା ମନୋସ୍ୱିନୀ ସାହୁ,ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ରାଜଶ୍ରୀ ସାହୁ, ପ୍ରମୁଖ ଉପସ୍ଥିତ ରହିଥିଲେ । ରାଜ୍ୟ ସରକାର ଆରମ୍ଭ କରିଥିବା ସୁଭଦ୍ରା ଯୋଜନା ଦ୍ୱାରା କିପରି ମହିଳା ମାନେ ସଶକ୍ତ ହେବେ, ଆତ୍ମନିର୍ଭରଶୀଳ ହେବେ ସେ ଦିଗରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହିତ ଯୋଜନାର ଉଦ୍ଦେଶ୍ୟ, ଏହାର ଲାଭ, ଯୋଗ୍ୟ ହିତାଧିକାରୀ ଚିହ୍ନଟ,ଯୋଗ୍ୟତା ର ମାନଦଣ୍ଡ, ଏହାର ତଦାରଖ ଓ ମୂଲ୍ୟାୟନ ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ,ଶିଶୁ ବିକାଶ ପ୍ରକଳ୍ପ ର ଅଂଚଳପରିଦର୍ଶିକା, ମିଶନ ଶକ୍ତି ବିପିସି, ଏମ ବି କେ,ପ୍ରମୁଖ ଉପସ୍ଥିତ ରହିଥିଲେ।

# ସ୍ମାର୍ଟ ମିଟର ହଟାଅ, ପାୱାରକଟ୍ ବନ୍ଦ କର : ବିଦ୍ୟୁତ୍ ଉପଭୋକ୍ତା ମହାସଂଘ

ଭୁବନେଶ୍ୱର,୩୦।୮: ଟାଟା ପାୱାର ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ହାତକୁ ନେବା ପୂର୍ବରୁ ବିଜୁଳି କମ୍ପାନୀମାନେ ଯେଉଁ ମିଟର ସବୁ ଲଗାଇଥିଲେ ତାକୁ ହଟାଇ ନୂଆ ସ୍ମାର୍ଟ ମିଟର ବସଉଛି । ଟାଟା ପାୱାରର ଏହି ସ୍ମାର୍ଟ ମିଟର ଯୋଗୁଁ ଯେଉଁମାନଙ୍କର ମାସକୁ ବିଜୁଳି ବିଲ୍ ୫୦୦ ରୁ ୭୦୦ ଟଙ୍କା ଆସୁଥିଲା ତାହା ୧୦୦ରୁ ୧୨୦୦ ଟଙ୍କାରେ ପହଂଚିଛି। ବରଗଡ଼ ଜିଲ୍ଲାର ଭଟ୍ଲିଠାରେ ସ୍ମାର୍ଟ ମିଟର ବିରୁଦ୍ଧରେ ଆଜି ଚାଷୀମାନଙ୍କର ବିକ୍ଷୋଭ ପ୍ରତିବାଦ ଦେଖିବାକୁ ମିଳିଛି। ଏହା କେବଳ ଭଟ୍ଲି ବ୍ଲକର ଅବସ୍ଥା ନୁହେଁ, ରାଜ୍ୟର ସବୁ ଅଞ୍ଚଳର ଚାଷୀମାନଙ୍କର ଦୂରାବସ୍ଥା। ସେହିପରି ପାୱାରକଟ୍ ଖୋଦ୍ ରାଜଧାନୀରେ ଏକ ନୀତିଦିନିଆ ଘଟଣା ହୋଇଯାଇଛି । ଗ୍ରାମାଂଚଳରେ ବିଜୁଳି ସେବା କଥା ନକହିବା ଭଲ । ତେଣୁ ନୂଆ ସରକରଙ୍କ ପାଖରେ ଆମେ ଦାବି କରୁଛୁ, ତୁରନ୍ତ ବିଜୁଳି କମ୍ପାନୀ, ଶକ୍ତି ବିଭାଗ, ଓ.ଇ.ଆର.ସି.କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଉ । ପ୍ରତି ଜିଲ୍ଲାରେ ଜିଲ୍ଲାପାଳମାନେ ବିଦ୍ୟୁତ୍ ବିଭାଗର ଇଂଜିନିୟର ଓ ଜେ.ଇ. ମାନଙ୍କୁ ନେଇ ଏକ ବୈଠକ କରି ପାୱାରକଟ୍ ଉପରେ ଏବଂ ଟ୍ରାନ୍ସଫରମର ପୋଡ଼ିଗଲେ ତୁରନ୍ତ ପଦକ୍ଷେପ ନେବାପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଆବାହକ ରବି ବେହେରା ଦାବି କରିଛନ୍ତି । ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରି ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଚାଷୀମାନଙ୍କୁ ମାଗଣାରେ ବିଜୁଳି ଶକ୍ତି ଯୋଗାଇଦେବା ଏବଂ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ୍ ମାଗଣା ବିଜୁଳି ଶକ୍ତି ଘରୋଇ ଉପଭୋକ୍ତାଙ୍କୁ ଦେବାପାଇଁ ଶ୍ରୀ ବେହେରା ଦାବି କରିଛନ୍ତି। ବିଜୁଳି ସମସ୍ୟାର ସମାଧାନ ପାଇଁ ପ୍ରତି ଜିଲ୍ଲାସ୍ତରରେ ଏବଂ ରାଜ୍ୟ ସ୍ତରରେ ଜଣେ ନୋଡାଲ୍ ଅଫିସର ନିଯୁକ୍ତି ଦେବା ସହିତ ଏକ ମାଗଣା ଫୋନ୍ ନମ୍ବର ଗ୍ରାହକ ସେବା ପାଇଁ ଯୋଗାଇ ଦେବାକୁ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଶକ୍ତି ମନ୍ତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ଅନୁରୋଧ କରାଯାଉଛି ।

# ଜିଲ୍ଲା ସ୍ତରୀୟ ଜାତୀୟ କ୍ରୀଡ଼ା ସପ୍ତାହ ଦିବସ ପାଳିତ

ଗଞ୍ଜାମ(ମହାଭାରତ): ଜିଲ୍ଲା ସ୍ତରୀୟ ଜାତୀୟ କ୍ରୀଡ଼ା ସପ୍ତାହ ଦିବସ ଇଣ୍ଡୋର ଷ୍ଟାଡ଼ିୟମ୍ ଠାରେ ପାଳିତ ହୋଇଯାଇଅଛି। ଏହି ଅବସରରେ ଗଜପତି ଜିଲ୍ଲାର ସମସ୍ତ କ୍ରୀଡ଼ା ଶିକ୍ଷକଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମସ୍ତ କ୍ରୀଡ଼ା ଶିକ୍ଷକଙ୍କୁ ନିଜେ କେମିତି ଫିଟ୍ ରହି ଅନ୍ୟମାନଙ୍କୁ କିପରି ପ୍ରେରଣା ଦେବେ ସେଥି ପ୍ରତି ଧ୍ୟାନ ଦେଇ ନିୟମିତ ଯୋଗ ଓ ପ୍ରାଣାୟାମ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ମହାନ୍ ହକି ତାରକା ଧ୍ୟାନଚନ୍ଦଙ୍କୁ ସ୍ମରଣ କରି ସମସ୍ତ କ୍ରୀଡ଼ାର ଉନ୍ନତି ନିମନ୍ତେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଡ଼.ଗୁଣନିଧି ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ପତଞ୍ଜଳୀ ଯୋଗ ଗୁରୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଧ୍ୟାନଚନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଆମ ଜିଲ୍ଲା ଖେଳାଳୀ ମାନଙ୍କ ଦକ୍ଷତାର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଉତ୍ତମ ପ୍ରଦର୍ଶନକାରୀ କ୍ରିଡ଼ା ପ୍ରତିଭା ତଥା ଅନ୍ତର୍ଜାତୀୟ କ୍ରୀଡାବିତ କିଶୋର ଚନ୍ଦ୍ର ରଥଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ପାତ୍ର ସମେତ କ୍ରୀଡ଼ା ଶିକ୍ଷକ ଲିଙ୍ଗରାଜ ସାହୁ, କିଶୋର ସାମଲ ଓ ଧିରେନ୍ ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ କ୍ରୀଡ଼ା ଅଧିକାରୀ ତଥା ଡେପୁଟି କଲେକ୍ଟର ଶ୍ରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ ପରିଚାଳନା କରିଥିଲେ।

# ବାହାଳରେ ଘର ପୋଡ଼ି , ତିନି ବଖରା ପୋଡ଼ି ପାଉଁଶ



ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଉପଖଣ୍ଡ କାରନ୍ଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ।ହାଳ ଗ୍ରାମରେ ନିଆଁ ଲାଗି ତିନି ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ପ୍ରକାଶ ଥାଉକି ଗ୍ରାମର ଦିବାକର ନାୟକ ଙ୍କର ଘରେ ଦିନ ପ୍ରାୟ ଗୋଟାଏ ସମୟରେ ରୋଷେଇ ନିଆଁ ରୁ ନିଆଁ ଲାଗି ତିନି ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ସମସ୍ତ ଆସବାବ ପତ୍ର, ଲୁଗାପଟା ଓ ଗଚ୍ଛିତ ଖାଦ୍ୟ ଶସ୍ୟ ଓ ସାଇତି ରଖିଥିବା ପ୍ରାୟ ୧୦୦୦୦ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଅଛି। ନିଆଁ ଲାଗିବା ଖବର ପାଇ ଖଜୁରିଆକଟା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ। ଦିବାକର ଜଣେ ଦିନ ମଜୁରିଆ ହୋଇଥିବା ବେଳେ ପାଞ୍ଚ ପ୍ରାଣୀ କୁଟୁମ୍ବ କୁ ପୋଷିବା କଷ୍ଟସାଧ ହୋଇପଡିଛି। ଏହିଭଳି ପରିସ୍ଥିତିରେ ପ୍ରଶାସନ ତରଫରୁ ଦିବାକର ନାୟକ ଙ୍କୁ ସହଯୋଗ କରିବାକୁ ସାଧାରଣରେ ଦାବୀ ହୋଇଛି।

# ଖୋଳିଦେଲେ ରାସ୍ତା ବିପଦରେ ଜନସାଧାରଣ ଓ ଗୃହପାଳିତ ପଶୁ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ଚାଲିଛି ପାଇପ ବିଛା। ମାତ୍ର ଟେଣ୍ଡର ନେଇଥିବା ସମ୍ପୃକ୍ତ କମ୍ପାନୀ ଓ ଠିକାଦାର ଜନସାଧାରଣଙ୍କ ଜୀବନ ସହ ଖେଳୁଥିବାର ଦେଖା ଯାଉଛି। ବର୍ତ୍ତମାନ ହିନ୍ଦୋଳ ଏନଏସି ର ମୁଖ୍ୟ ରାସ୍ତା ଉପରେ ପାଇପ ବିଛା କାର୍ଯ୍ୟ ଚାଲୁଅଛି ମାତ୍ର ଠିକାଦାର ରାସ୍ତା ସାଇଡ, ରାସ୍ତାକୁ ଲାଗିଥିବା କଂକ୍ରିଟ ଖୋଳି ଦେଇ ବହୁଦିନ ଯାଏ ପକାଇ ରଖୁଥିବାରୁ ଏହି ବଡ଼ବଡ଼ ଖାଲରେ ଛୋଟଛୋଟ ପିଲା, ମଣିଷ ଓ ଗୃହପାଳିତ ଗାଈଗୋରୁ, ଛେଳି, ମେଣ୍ଢା ଇତ୍ୟାଦି ଖସି ପଡ଼ିବାର ସମ୍ଭାବନା ରହୁଛି କେତକ କ୍ଷେତ୍ରରେ ପଡ଼ି ଯାଉଛନ୍ତି



ମଧ୍ୟ। ଏହା ଛଡ଼ା ପାଇପ ବିଛାଇ ସରିଲାପରେ ବାଲି ଫିଲିଙ୍ଗ କରିବା ନିୟମ ରହିଛି, ଭଙ୍ଗା ଯାଇଥିବା କଂକ୍ରିଟ ପୁନଃ କଂକ୍ରିଟ ନିୟମ ରହିଛି ମାତ୍ର ବାଲି ଫିଲିଙ୍ଗ ନକରି ଖୋଳା ଯାଇଥିବା ମାଟି ପୋତିଦେବା ସହ କଂକ୍ରିଟକୁ ମଧ୍ୟ ନିର୍ମାଣ କରୁନାହିଁ। ଯାହା ଫଳରେ ହିନ୍ଦୋଳ ଏନଏସି ର ଅଧିକାଂଶ ସ୍ଥାନରେ ମାଟି ଦବିଯିବା ସହ ଘରୁ ବାହାରିବାବେଳେ ଗାଡି ଚକ ପଶିଯିବା ସହ ମଣିଷ, ଗାଈଗୋରୁଙ୍କ ଗୋଡ଼ ମଧ୍ୟ ପଶି ଯାଇ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ହିନ୍ଦୋଳ ଏନଏସି ସହରର କାନ୍ଦରାଗୁଣି(ୱାର୍ଡ ନଂ -୧୨)ର ଆର ଡବ୍ଲୁ ଏସ ଏସ ଓ ପି ଏଚ ଡି ଅଫିସ ପ୍ରବେଶ ପଥ ନିକଟରେ ରାସ୍ତା ପାର୍ଶ୍ୱ ଓ ଡ୍ରେନ ଉପର କଂକ୍ରିଟ ଆଜକୁ ଚାରିଦିନ ହେ ଖୋଲାଯାଇଥିଲେ ମଧ୍ୟ ସେମିତି ମୁକୁଳା ହୋଇ ପଡ଼ି ରହିଛି ଫଳରେ ବର୍ଷା। ହେଲେ ହାଲ ବେହାଲ ହେବାସହ ବିପଦରେ ଏବେ ଜନସାଧାରଣ ଓ ଗୃହପାଳିତ ପଶୁ। ତେବେ ବଡ଼ବଡ଼ିଆ ପ୍ରଭାବଶାଳୀଙ୍କୁ ଧରି ହାତଗୁଞ୍ଜାକ୍ଷ ଦେଇ ଟେଣ୍ଡର ହାତେଇ ଥିବା ସମ୍ପୃକ୍ତ କମ୍ପାନୀର ଠିକାଦାରଙ୍କ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ଥିବାବେଳେ ରାସ୍ତା ସାରା ମାଟି ପଡି କାଦୁଅ ସୃଷ୍ଟି କରୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ତେବେ ଏହି କମ୍ପାନୀ ଓ ଠିକାଦାର ମୁଣ୍ଡରେ ବଡ଼ ପ୍ରଭାବଶାଳୀ ଓ କ୍ଷମତାଶାଳୀ ବ୍ୟକ୍ତିଙ୍କ ପ୍ରଚ୍ଛନ୍ନ ସହଯୋଗ ପାଇଁ ଠିକାଦାର ବେପାରବାୟ ରହିବା ସହ ତାହାର କାର୍ଯ୍ୟଶୈଳୀ ମଧ୍ୟ ନିମ୍ନମାନର କରୁଛି ।ସେଥିପାଇଁ ସରକାରଙ୍କ ଏହି ବହୁମୁଖୀ ଜନହିତକର ପ୍ରକଳ୍ପର ସୁଫଳ ଜନସାଧାରଣ ପାଇପାରିବେ କି ନାହିଁ ବୋଲି ସନ୍ଦେହ। ଏହା ଛଡା ଦୀର୍ଘ ୪ବର୍ଷ ହେ ଚାଲିଥିବା ଏହି ପ୍ରକଳ୍ପ ସାରିବାର ନାମ ମଧ୍ୟ ଧରୁନାହିଁ। ତୁରନ୍ତ ଖୋଳି ଦିଆଯାଇଥିବା ରାସ୍ତା ପାର୍ଶ୍ୱକୁ ବାଲି ଫିଲିଙ୍ଗ କରାଯାଇ ଏଭଳି ପୁନରାବୃତ୍ତି ନକରିବାକୁ ପ୍ରଶାସନଙ୍କ ହିନ୍ଦୋଳ ଜନସାଧାରଣ ନିବେଦନ କରିଛନ୍ତି।

## ପୌର ପରିଷଦ, କୋରାପୁଟ

### ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ପାଳନ ଅବସରରେ କୋରାପୁଟ ପୌର ପରିଷଦ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

- ଗୃହ ନିର୍ମାଣ ପୂର୍ବରୁ ଗୃହ ନକ୍ସାକୁ ପରିଷଦ ଠାରୁ ଅନୁମୋଦନ କରାଇ ନିଅନ୍ତୁ।
- ପରିଷଦର ଗୃହ ଟିକସ ଓ ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠକରନ୍ତୁ।
- ନିଜ ନିଜ ବ୍ୟବସାୟର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ।
- ଘରୁ ବାହାରୁଥିବା ଅଳିଆ ଓ ଆବର୍ଜନା ନାଳ/ ରାସ୍ତା କଡରେ ପକାନ୍ତୁ ନାହିଁ। ସେଗୁଡିକୁ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ।
- ପରିଷଦର ନାଳ/ ରାସ୍ତା/ ସରକାରୀ ଜମିକୁ ଜବରଦଖଲ କରନ୍ତୁ ନାହିଁ।
- ରାସ୍ତା କଡରେ ଗଚ୍ଛା ନିର୍ମାଣ ସାମଗ୍ରୀ ଯଥା- ବାଲି, ଇଟା, ପଥର, ଗୋଡି ଏବଂ ଗୃହ ନିର୍ମାଣ ଭଗ୍ନାବଶେଷ ଗୁଡିକ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
- ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ।
- ଯଥା ସମୟରେ ନିଜ ପରିବାରର ବିବାହ ପଞ୍ଜୀକରଣ କରନ୍ତୁ।
- ନିଜ ନିଜ ଘର ବାଡିରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ସହରକୁ ସବୁଜ ସୁନ୍ଦର ଗଢ଼ିତୋଳନ୍ତୁ।
- ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ମଧ୍ୟ ଆପଣଙ୍କର।

ଶ୍ରୀମତୀ ସବିତା ପଣ୍ଡା, ଉପାଧ୍ୟକ୍ଷା | ସମସ୍ତ ପାରିଷଦ ବୃନ୍ଦ | ଶ୍ରୀ ଲଲାଟ ରଞ୍ଜନ ସେଠୀ, ଅଧ୍ୟକ୍ଷ

## ପୌର ପରିଷଦ, କୋଟପାଡ଼

### ନିବେଦଦ

(୧) ଆପଣଙ୍କ ଗୃହ ଟିକସ, ଘର ଭଡା ଓ ଲାଇସେନ୍ସ ଫି ଯଥା ସମୟରେ ପୈଠ କରନ୍ତୁ।
(୨) ଗୃହ ନିର୍ମାଣ ଉପାଦାନ ଯଥା ଇଟା, ବାଲି , ଗୋଡି ଇତ୍ୟାଦି ରାସ୍ତା କଡରେ ଜମା କରନ୍ତୁ ନାହିଁ।
(୩) ଆପଣଙ୍କ ଘରର ଅଳିଆ ଆବର୍ଜନାକୁ ପରିଷଦର କଚରା ଗାଡିରେ ପକାନ୍ତୁ।
(୪) ପଲିଥିନ ବ୍ୟବହାର କରିବା ବର୍ଜନ କରନ୍ତୁ।
(୫) ବ୍ୟକ୍ତିଗତ ଓସାଧାରଣ ଶୌଚାଳୟ ବ୍ୟବହାର କରନ୍ତୁ।
(୬) ରାସ୍ତା ଉପରେ ଦୋକାନ ବଜାର ଖୋଲି ରାସ୍ତା ଅବରୋଧ କରନ୍ତୁ ନାହିଁ।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ, ଓରାସେ, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ
ଶ୍ରୀମତୀ ଏମ ସନ୍ତୋଷୀ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ
ଶ୍ରୀଯୁକ୍ତ ଏମ.ଶଙ୍କର ରାଓ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ

# ସଦର ଥାନାରେ ଆଇଜି ସଞ୍ଜୟ କୌଶଲଙ୍କ ସମୀକ୍ଷା

**ନୟାଗଡ,(ମହାଭାରତ) :** ଗତ ଦୁଇଦିନ ତଳେ ଅପରାହ୍ନରେ ଆଇଜି ସଞ୍ଜୟ କୌଶଲ ନୟାଗଡ଼ ଗସ୍ତରେ ଆସି ଜିଲ୍ଲାର ଘଟିଥିବା ବିଭିନ୍ନ ଅପରାଧ ଓ ଏ ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସଦର ଥାନାରେ ଶିଶୁ ଓ ଅପ୍ରାପ୍ତ ବୟସ୍କ ମାନଙ୍କ ପାଇଁ ଖୋଲାଯାଇଥିବା ସ୍ୱତନ୍ତ୍ର କକ୍ଷ ପରିଦର୍ଶନ କରିବା ସହ ପୁଲିସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଦେଖି ବେଶ୍ ଖୁସି ହୋଇଥିଲେ । ଶିଶୁ ଓ ଅପ୍ରାପ୍ତ ବୟସ୍କ ମାନେ କୌଣସି ମାମଲାକୁ ନେଇ ଥାନାକୁ ଆସିଲେ, ସେମାନଙ୍କ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ନୟାଗଡ ଏସ୍‌ପି ରାହୁଲ ଜୈନଙ୍କୁ ପଚାରି



ବୁଝିଥିଲେ । ସଦର ଥାନା ଇନ୍ସପେକ୍ଟର ବିଜୟା ସାହୁଙ୍କୁ ମଧ୍ୟ ସେ ଏ ନେଇ କିଛି ପରାମର୍ଶ ଦେଇଥିବା ଜଣାପଡ଼ିଛି । ଏହାସହ ଜିଲ୍ଲାରେ ଅପରାଧ ଓ ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଇଜି ଶୁଣିବା ପରେ ଏସ୍‌ପିଙ୍କୁ ବେଶ୍ ପ୍ରଶଂସା କରିଥିଲେ । ଶିଶୁ ଓ ଅପ୍ରାପ୍ତ ବୟସ୍କ ମାନେ କୌଣସି ପ୍ରକାର ଅପରାଧର ସମ୍ମୁଖୀନ ହେଲେ ଥାନାକୁ ଆସିବା ପାଇଁ ଭୟ କରିଥାନ୍ତି । ଥାନାକୁ ଆସିଲେ ମଧ୍ୟ କିଛି ପୁଲିସ ସାମ୍ନାରେ ବୟାନ ଦେବାକୁ ଭୟ କରନ୍ତି । ଏଣୁ ରାଜ୍ୟ ସରକାର ପ୍ରତ୍ୟେକ ଥାନାରେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କକ୍ଷ ଖୋଲିବା ପାଇଁ ଯୋଜନା କରିଥିଲେ । ନୟାଗଡ଼ରେ ସଦର ଥାନାରେ ଏହି ବ୍ୟବସ୍ଥା କରାଯାଇଛି । ଯେଉଁ କକ୍ଷରେ ପିଲା ମାନଙ୍କ ଖେଳିବା ପାଇଁ ବିଭିନ୍ନ ପ୍ରକାର ଖେଳଣା, ମନ ଖୁସି ପାଇଁ ଜୀବଜନ୍ତୁଙ୍କ ଚିତ୍ର, ଖାଇବା ଓ ବିଶ୍ରାମ ନେବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଯେପରି ଛୋଟ ପିଲାମାନେ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ନ ହେବେ, ଏ ନେଇ ସମସ୍ତ ପୁଲିସ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି । ଆଇଜି ଶ୍ରୀ କୌଶଲ ଏ ସମସ୍ତ ବ୍ୟବସ୍ଥାକୁ ଟିକିନିଖି ତର୍ଜମା କରିବା ସହ ଏସ୍ ?ପି ଶ୍ରୀ ଜୈନଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାକୁ ଅପରାଧମୁକ୍ତ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରଖିବାକୁ ସେ ଏସ୍ ?ପିଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି । ଏହି ସମୟରେ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ମଧ୍ୟ ଉପସ୍ଥିତ ଥିଲେ ।

# ପୁରୁଣା ବଜାର ବିଦ୍ୟୁତ୍ କାଟ୍ ନେଇ ଅଧିକ୍ଷକ ଯନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ପୁରୁଣା ସହର ରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଥିବା ନେଇ ଶୁକ୍ରବାର ଜିଲା ବିଦ୍ୟୁତ୍ ବିଭାଗର ଅଧିକ୍ଷକ ଯନ୍ତ୍ରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ବିଦ୍ୟୁତ କାଟ ସମସ୍ୟା ଦୂର କରିବା ପାଇଁ ଲୋକେ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ ।ଏଣୁ ଜନସାଧାରଣଙ୍କ ମଧ୍ୟରେ ତ୍ରୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୁରୁଣା ସହରାଞ୍ଚଳରେ ୨୪ଘଣ୍ଟିଆ ବିଦ୍ୟୁତ୍ ସରବରାହ ସ୍ୱୋ, ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ବାଘୁଆବେଡା ଛକ ନିକଟରେ ଚାଲୁଥିବା ବିଦ୍ୟୁତ୍ ଅଭିଯୋଗ କେନ୍ଦ୍ରକୁ ପୁର୍ନଃ ସ୍ଥାପନ,



ଟେଲିଫୋନ ଯୋଗେ ଅଭିଯୋଗକୁ ତୁରନ୍ତ ଗ୍ରହଣ କରାଯିବା ପାଇଁ ବ୍ୟବସ୍ଥା, ରକ୍ଷଣା ବେକ୍ଷଣ ମରାମତି ଆଳରେ ପ୍ରତ୍ୟେକ ସପ୍ତାହରେ ଘଣ୍ଟାଘଣ୍ଟା ବିଦ୍ୟୁତ୍ କାଟ୍ ବନ୍ଦ । ସହରାଞ୍ଚଳରେ କ୍ଷୁଦ୍ରଶିଳ୍ପ ମାନଙ୍କୁ ସାଧାରଣ ବିଦ୍ୟୁତ୍ ସଂଯୋଗ ପୁର୍ନଃ କରାଯାଇ ତ୍ରିଧାରା ପର୍ଯ୍ୟାୟବଦ୍ଧ ବିଦ୍ୟୁତ୍ ସଂଯୋଗ । ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପ୍ରତି ବିଦ୍ୟୁତ୍ କର୍ମଚାରୀ ମାନଙ୍କ ଆଶାଳୀନ ବ୍ୟବହାର ବନ୍ଦ କରିବା ପାଇଁ ଦାବି ହୋଇଛି ।ଏହି ୭ଗୋଟି ଅଭିଯୋଗ କାର୍ଯ୍ୟକାରୀ କରାଯିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହି ପ୍ରକ୍ରିୟା କେତେଦିନ ମଧ୍ୟରେ ବିଭାଗୀୟ ଅଧିକାରୀ ପୂରଣ କରିବେ ସମୟସୀମା ଧାର୍ଯ୍ୟ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ପୁରୁଣା ସହରାଞ୍ଚଳର ନବକିଶୋର ସାହୁ, ଗୋପୀନାଥ ରାମ, ନିମାଇଁ ଚରଣ ଦାଶ, ସନାତନ ମହାରଣା, ଦେବରାଜ ଆଚାର୍ଯ୍ୟ, ଆନନ୍ଦ ଖଣ୍ଡେଇ, ଗିରିଜା ଶଙ୍କର ମିଶ୍ର, ପ୍ରତାପ କୁମାର ଝରା, ଅମର ପଟ୍ଟନାୟକ, ସତ୍ୟନାରାୟଣ ବାରିକ, ଲକ୍ଷ୍ମୀଧର ନାଏକ ପ୍ରମୁଖ ଅଧିକ୍ଷକ ଯନ୍ତ୍ରୀଙ୍କୁ ଭେଟି ଏହି ଦାବି ପତ୍ର ପ୍ରଦାନ କରିଛନ୍ତି ।

# ବିବାହିତ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ

**ଆସିକା,(ମହାଭାରତ) :** ଆସିକା ବିନାୟକ ବଜାର ଉତ୍କଳ ସିନେମା ଗଳି ଠାରେ ଜଣେ ବିବାହିତ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ଜଣା ଯାଇଛି । ମହିଳା ଜଣକ ହେଲେ ଆସିକା ବସଷ୍ଟାଣ୍ଡ ନିକଟ ବିଶିଷ୍ଟ ମିଠା ବ୍ୟବସାୟୀ ବିଜୟ ପାତ୍ରଙ୍କ ସାନ ବୋହୁ ଦେବସ୍ମିତା ପାତ୍ର, ବୟସ ୩୫ । ଘରୋଇ କଳିକୁ କେନ୍ଦ୍ରକରି ଦେବସ୍ମିତା ଗତକାଲି ରାତ୍ରରେ ନିଜ ଶ୍ୱଶୁର ବିଜୟଙ୍କ ଉତ୍କଳ ସିନେମା ଗଳି ଘରେ ସନ୍ଦେହ ଜନକ ଭାବେ ପଡିରହିଥିଲେ । ଦେବସ୍ମିତାଙ୍କ ସ୍ୱାମୀ ପ୍ରକାଶ ପାତ୍ର ଆସିକା ମେଡିକେଲକୁ ତୁରନ୍ତ ଆଣିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ଦେବସ୍ମିତାଙ୍କୁ ଦେଖି ମୃତ୍ୟୁ ଘୋଷଣା କରିଥିଲେ । ଆଜି ଆସିକା ପୋଲିସ ଅପମୃତ୍ୟୁ ମାମଲା ୧୯/୨୪ ରୁଜୁ କରି ଦେବସ୍ମିତା ଶବ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲେ । ଦୂର୍ବରୁ ଦେବସ୍ମିତା ସ୍ୱାମୀ ଓ ଶ୍ୱଶୁରଙ୍କ ପରିବାର ପକ୍ଷରୁ ନିର୍ଯାତିତ ହୋଇଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ମତବ୍ୟକ୍ତ କରିଥିଲେ ।

# ସୁଭଦ୍ରାକୁ ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

**ଗଜପତି,(ମହାଭାରତ) :** ମହିଳା ମାନଙ୍କର ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଯୋଜନା ହେଉଛି 'ସୁଭଦ୍ରା' । ଜିଲ୍ଲାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀକୁ ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତା କରିଥିଲେ । ଜିଲ୍ଲାରେ ଏହି ଯୁଗାନ୍ତକାରୀ ଯୋଜନାରେ ଯୋଗ୍ୟ ମହିଳା ହିତାଧିକାରୀ ସଚେତନ ହେବା ସହିତ କିପରି ଏହି ଯୋଜନାରେ ସାମିଲ ହୋଇ ସେମାନେ ଉପକୃତ ହେବେ ଏବଂ ଏହା ଜିଲ୍ଲାରେ ସଫଳତା ଭାବେ କିପରି କାର୍ଯ୍ୟକାରୀ ହେବ ସେ ଉପରେ ବିଭାଗୀୟ ଅଧିକାରୀମାନେ



ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଯୋଜନା ସମ୍ପର୍କରେ ଅଧିକ ଜାଣିବା ପାଇଁ ହିତାଧିକାରୀମାନେ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ମୋ ସେବାକେନ୍ଦ୍ର, ଜନସେବା କେନ୍ଦ୍ରକୁ ଯାଇ ସେଠାରେ ମାଗଣାରେ ଉପଲବ୍ଧ ଫର୍ମପୂରଣ କରି ଆବେଦନ କରିପାରିବେ । ଫର୍ମପୂରଣ କରିବା ନିମନ୍ତେ କେବଳ ଆଧାର କାର୍ଡ ଅନୁଯାଇ କରାଯିବ । ଅଧିକ ସୂଚନା ଜାଣିବା ପାଇଁ ସ୍ଥାନୀୟ ସିଡିପିଓ ଙ୍କ କାର୍ଯ୍ୟଳୟରେ ଯୋଗାଯୋଗ କରି ଅଧିକ ସମ୍ପୂର୍ଣ୍ଣ ସହାୟତା ପାଇପାରିବେ । ସେହିପରି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକ ସୁଭଦ୍ରା ଯୋଜନା ସମ୍ପର୍କରେ ବିସ୍ତୃତ ବାଭେ ସୂଚନା ପ୍ରଦାନ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ପୃଥ୍ୱୀବ ରାଜ ମଣ୍ଡଳ, ଉପ-ଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମନୋରମା ଦେବୀ,ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଅଶୋକ କୁମାର ପଟ୍ଟନାୟକ , ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଶ୍ରୀ ମହେଶ୍ୱର ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁଙ୍କ ସମେତ ଲାଇନ୍ ବିଭାଗୀୟ ଅଧିକାରୀ ସମେତ ଆଧାର ସହାୟତା କେନ୍ଦ୍ର ଓ ଜନସେବା କେନ୍ଦ୍ରର କର୍ମଚାରୀମାନେ ଯୋଗ ଦେଇଥିଲେ ।

# ପିଡୀତାଙ୍କୁ ନ୍ୟାୟ ଓ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଣି

**ଜୁନାଗଡ଼,(ମହାଭାରତ) :** ଜୁନାଗଡ଼ ସ୍ଥିତ ଗ୍ରାମ୍ୟ ନ୍ୟାୟାଳୟ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ର ବିଚାରପତି ସିଓନା ସିଦ୍ଧାର୍ଥ ମହାରଣା କେସ୍ ନମ୍ବର ଉଞ୍ଜ ୫୩/ ୨୧ ର ସମସ୍ତ ସାକ୍ଷି ଏବଂ ଦସ୍ତାବିଜ କୁ ଅନୁଧ୍ୟାନ କରି କରଚଲା ଗ୍ରାମ ର ବିରେନ ଅ ବିରଞ୍ଚି ନିମୁଲିଆ କୁ ଭାରତୀୟ ପିଙ୍ଗଳ କୋଡ଼ ର ଦଫା ୨୯୪ ରେ ୬ ମାସର କାରାଦଣ୍ଡ ଏବଂ ୫୦୦ ଟଙ୍କା ଆର୍ଥିକ ଦଣ୍ଡାଦେଶ ପିଡିତା କୁ ଦେବାପାଇଁ ଆଦେଶ କରିଅଛନ୍ତି,ଜଦି ଆର୍ଥିକ ଦଣ୍ଡାଦେଶ ଅନାଦେୟ ହୁଏ ତାହେଲେ ଅଧିକ ୧୫ ଦିନର କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ରେ ପ୍ରକାଶ କରିଅଛନ୍ତି, ସେହିପରି ଦଫା ୫୦୬ ରେ ୮ ମାସର କାରାଦଣ୍ଡ ସହ ୧୦୦୦ ଟଙ୍କା ଆର୍ଥିକ ଦଣ୍ଡାଦେଶ ଦିଆଯାଇଛି,ଜଦି ଆର୍ଥିକ ଦଣ୍ଡାଦେଶ ଅନାଦେୟ ହୁଏ ତାହେଲେ ଅଧିକ ୨୫ ଦିନ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ରେ ପ୍ରକାଶ କରିଅଛନ୍ତି, ପ୍ରକାଶ ଯେ ୨/୩/୨୦୨୧ ରେ ରାତି ୭ ରୁ ରାତି ୧୧ ଟା ଯାଏ ବିରନେ ଅବିରନ୍ଛି ନିମୁଲିଆ , ଦୁର୍ଜନ ନାଇକ ଘରକୁ ଯାଇ ତାଙ୍କ ଘର ଲୋକୁ ଅଭଦ୍ର ଭାଷାରେ ଗାଳିଗୁଲଜ କରି ଟାଙ୍ଗିଆ ଧରି ମାରିବାକୁ ଉଦ୍ୟମ କରି ଘରର କବାଟ ଟାଙ୍ଗିଆ ରେ ମାରି ଭାଙ୍ଗି ଦେଇଥିଲା । ଫଳରେ ଭୟରେ ସେମାନେ ଘରୁ ବାହାରିନ ଥିଲେ, ସେଥିପାଇଁ ଭୟରେ ୩/୩/୨୦୨୧ ରେ ଦୁର୍ଜନ ନାଇକ ଥାନା ରେ ଏକ କେଶ ରୁଜୁ କରିଥିଲେ । ସରକାର ଙ୍କ ତରଫରୁ ଏଇ କେସ କୁ କ୍ୟାଡ଼ର ଏପିପି ଅଶୋକ କୁମାର ନାୟକ ଏବଂ ଦିଗାମ୍ବର ନାଇକ ପରିଚାଳନା କରିଥିଲେ ଏବଂ ଆଜି ଏହି କେଶର ଶୁଣାଣି କରାଯାଇଥିଲା ।

# ଏରେଗୋଲା ବସ୍ତି ଉଚ୍ଛେଦ ପ୍ରତିବାଦରେ ତହସିଲଦାରଙ୍କୁ ଦାବିପତ୍ର

**ଆସିକା,(ମହାଭାରତ) :** ଆସିକା ତହସିଲ କାଳଷଣ୍ଢପୁର ପଞ୍ଚାୟତ ଅନ୍ତର୍ଗତ ଏରେଗୋଲା ସାହି ବସ୍ତି ବାସିନ୍ଦାଙ୍କୁ ଖେଳପଡିଆ ସଂସ୍ତ୍ରସାରଣନାମରେ ଉଚ୍ଛେଦ ନୀତିକୁ ବିରୋଧ କରି ଆଜି ସାହି ବାସିନ୍ଦାଙ୍କ ପକ୍ଷରୁ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ



ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏରେଗୋଲା ସାହିର ପ୍ରାୟ ୧୫୦ ରୁ ଉର୍ଦ୍ଧ ପୁରୁଷ ମହିଳା ତହସିଲ ଠାରେ ପହଞ୍ଚି ଏକ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ରକୁ ତହସିଲଦାର ପ୍ରୀୟଙ୍କା ପ୍ରୀୟଦର୍ଷନୀ ଦାବିପତ୍ରକୁ ଗ୍ରହଣ କରିବା ସହ ଆସନ୍ତା ତା ୦୪.୦୮.୨୦୨୪ ରିଖରେ ବିଚାର ପାଇଁ ତାରିଖ ଧାର୍ଯ୍ୟ କରିଥିଲେ । କାଳଷଣ୍ଢପୁର ନିକଟ ଋଷିକୂଲ୍ୟା ନଦୀପଠା ଠାରେ ଏହି ତେଲୁଗୁ ସମ୍ପ୍ରଦାୟର ଗରିବ ଏରେଗୋଲା ଲୋକ ବସବାସ କରିଆସୁଛନ୍ତି । ସେମାନେ ଭୂମିହୀନ ଓ ଅସହାୟ ଗରିବ ସାଙ୍ଗକୁ ପଡୋଶୀ ରାଜ୍ୟ ଆନ୍ଧ୍ରରୁ ଆସି ଦୀର୍ଘ ଦିନ ଥିବା ଯୋଗୁଁ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଏହି ଭୂମିହୀନ ବ୍ୟକ୍ତିଙ୍କୁ ପଟା ପ୍ରଦାନ କରିଥିଲେ ଆସିକା ତହସିଲ ଠାରେ କାଳଷଣ୍ଢପୁର ମୌଜାର ୭୬୧ ପ୍ଲଟରେ ସାହିବାସିଙ୍କୁ ପଟାପ୍ରଦାନ କରାଯାଇଥିଲା । ଆଜିକାର ଏହି ଦାବୀ ପତ୍ର ପ୍ରଦାନ ସମୟରେ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ବେହେରା, ପୂର୍ବତନ ସରପଞ୍ଚ ଅମର ବିଶ୍ୱାଳ, ସାହି ୱାର୍ଡ ମେମ୍ବର, ଆଇନଜିବି ଦିଲ୍ଲିପ ପାଣିଗ୍ରାହୀ, ବିଦେସି ନାହାକ, ବୁଢା ପାଣିଗ୍ରାହୀ ସମେତ ସାହିର ୧୫୦ ଜଣ ବାସିନ୍ଦା ଯୋଗ ଦେଇଥିଲେ ।

# ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ

**ରାୟଗଡ,(ମହାଭାରତ) :** ପ୍ରଧାନମନ୍ତ୍ରୀ ଜନମନ ପରି ଯୋଜନାରେ ରାୟଗଡ଼ ଜିଲ୍ଲା ବିଷମକଟକ ତହସିଲ୍ ଅନ୍ତର୍ଗତ କୁର୍ଲି ଠାରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ ଡଙ୍ଗରିଆ କନ୍ଧ ହିତାଧିକାରୀଙ୍କୁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ବାର୍ଷିକ ଆୟ ପ୍ରମାଣପତ୍ର ଏବଂ ଜଙ୍ଗଲ ଜମି ପଟ୍ଟାର ସୁବିଧା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜାତିଗତ ପ୍ରମାଣ ପତ୍ର ପାଇଁ ୫୬ଟି ଆବେଦନ, ଜବ କାର୍ଡ ନିମନ୍ତେ ୩୨ଟି, ପ୍ରଧାନମନ୍ତ୍ରୀ କିଷାନ କାର୍ଡ ନିମନ୍ତେ ୧୬୭ଟି ଆବେଦନ ପତ୍ର ଦାଖଲ କରିଥିଲେ । ୧୩ଜଣଙ୍କ ରକ୍ତ ଶିକୁଲା ପରୀକ୍ଷା, ୧୮ଜଣଙ୍କ ଆଧାର କାର୍ଡ ସଂଶୋଧନ, ୪୫ଜଣଙ୍କ ଜଙ୍ଗଲ ଜମି ପଟ୍ଟା ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା । ମୁନିଗୁଡା ବ୍ଲକ ଅନ୍ତର୍ଗତ ଶ୍ରିପଦର ଷ୍ଟେଟବ୍ୟାଙ୍କ ଶାଖା ତରଫରୁ ପ୍ରଧାନମନ୍ତ୍ରୀ ଜନମନ ସଚେତନତା କାର୍ଯ୍ୟକ୍ରମ ସେର୍କାପଡି ଗ୍ରାମଠାରେ ଅନୁଷ୍ଠିତ ହୋଇଥିଲା । ଶ୍ରିପଦର ବ୍ୟାଙ୍କ ପରିଚାଳକ ମନୋଜ ନାୟକ, କୃଷିମିତ୍ର, ବ୍ୟାଙ୍କ ମିତ୍ର, ଏଫଓଏସ ପ୍ରମୁଖ ଉପସ୍ଥିତ ରହି ୬୦ରୁ୭୦ ଜଣଙ୍କୁ ବ୍ୟାଙ୍କ ସେବା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ ବ୍ୟାଙ୍କର ସୁବିଧା, ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ବିଷୟରେ ସଚେତନ କରାଇଥିଲେ । ସଚେତନତା କାର୍ଯ୍ୟକ୍ରମ ସମୟରେ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ଲୋନ, ଗୋଟିଏ ନୂଆ ସ୍ୱୟଂ ସହାୟକ ଗୋଷ୍ଠୀ ଆକାଉଣ୍ଟ, ତିନୋଟି କେସିସି ଲୋନ ଦରଖାସ୍ତ ଗ୍ରହଣ କରିଥିବା ବେଳେ ଦୁଇଟି ଜନଧନ ଆକାଉଣ୍ଟ ଖୋଲା ଯାଇଥିଲା । ଆଗାମୀ ଦିନରେ ଶିବ ପଦର ବ୍ୟାଙ୍କ ଅଧୀନରେ ଥିବା ଅନ୍ୟ ଗ୍ରାମ ଗୁଡିକରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ମ୍ୟାନେଜର ଶ୍ରୀ ନାୟକ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ସପ୍ତମ ଦିନରେ ଜଲତରା ଗ୍ରାମ ପଞ୍ଚାୟତର ସିଙ୍ଗାପୁର ଗ୍ରାମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସେଥିରେ ୭ଟି ଗ୍ରାମ ଯଥା, ଗରାମୁଲ, ସିଙ୍ଗାପୁର, ନୁଆଗାଁ, ନୁଆଗାଁ କୁଡିଆ, ବସେରଗରଜଙ୍ଗ, ପନସା, ଲୁଙ୍ଗୁରଟାଲର ଲୋକ ଉପସ୍ଥିତ ଥିଲେ । ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା, ପୁଟ୍ଟାସିଂର ସ୍ୱତନ୍ତ୍ର ଅଧିକାରୀ ଶ୍ରୀମତୀ ଅସୀମା ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜଲତାର ସରପଞ୍ଚ ମାର୍କ ଦଳବେହେରା ଓ ସମିତି ସଦସ୍ୟ ଜଗଦିଶ ସବର ସମେତ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫୭ ଉର୍ଦ୍ଧ୍ୱ ବିଶେଷ ଭାବରେ ଅନୁନ୍ନତ ଜନଜାତି ବର୍ଗର ଲୋକମାନେ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଛନ୍ତି । ଗୁଣପୁର ବ୍ଲକର ୭ଟି ପଞ୍ଚାୟତର ୧୩୬ଟି ଗ୍ରାମ ରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରର ସପ୍ତମ ଦିନରେ ଆଜି ବିଭିନ୍ନ ବିଭାଗ ଯଥା ରାଜସ୍ୱ ବିଭାଗ ପକ୍ଷରୁ ଜାତି ପ୍ରମାଣ ପତ୍ର ପାଇଁ ୨୩ଟି ଆବେଦନ ପତ୍ର ସଂଗୃହିତ ହୋଇଥିବା ବେଳେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୬ ଜଣଙ୍କର ରକ୍ତ ଶିକୁଳି ରୋଗ ପରୀକ୍ଷା ଏବଂ ୪ ଗୋଟି ଜନ୍ମ ପ୍ରମାଣ ପତ୍ର ବଣ୍ଟନ କରାଯାଇବା ସହ, ୨ ଜଣଙ୍କ ରାଶନ କାର୍ଡ ଆବେଦନ ସଂଗ୍ରହ କରାଗଲା ଓ ୪ ଗୋଟି ଜନ୍ମ ପ୍ରମାଣ ପତ୍ର ବଣ୍ଟନ



କରାଯାଇଛି ସେହିପରି ୩ ଜଣଙ୍କ ଆଧାର ପଞ୍ଜିକରଣ କରାଯାଇଥିବା ବେଳେ ଟିବି ପରୀକ୍ଷାରେ ଗୋଟିଏ ଆକ୍ଟିଭ୍ କେସ୍ ନ ଥିବା ଜଣାପଡ଼ିଛି , ଟିପିଏସଓଡିଏଲ୍ ପକ୍ଷରୁ ଏସଡିଓ ଶ୍ରୀ ପି . ପାଢ଼ି ଉପସ୍ଥିତ ଥିବା ସହା, ଡାକ୍ତର ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ଟିମ୍ ଏମଏଚଏୟୁ ଜଗନ୍ନାଥପୁର ଉପସ୍ଥିତ ଥିଲେ, ପାନୀୟଜଳ ଓ ପରିମଳ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଗୃହ ନିର୍ମାଣ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ଆଇଟିଡ଼ିଏ- ଓଟିଏଲ୍ ପି, ଗୁଣପୁର ପକ୍ଷରୁ ଅଧିକାରୀ ମାନେ ଯୋଗଦେଇ ପିଭିଟିଜିଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ଆଲୋଚନା କରିଛନ୍ତି ।

# ଜରୁରୀକାଳୀନ ପରିସ୍ଥିତି ମୁକାବିଲା ପାଇଁ ମକ୍ ଡ୍ରିଲ୍



**ଦାନଗଦି,(ମହାଭାରତ) :** କଳିଙ୍ଗନଗର, ଅଗଷ୍ଟ ୩୦, ୨୦୨୪: ପ୍ଲାଣ୍ଟରେ ଜରୁରୀକାଳୀନ ପରିସ୍ଥିତିର ପରୀକ୍ଷଣ ଓ ଏହାର ମୁକାବିଲା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଶୁକ୍ରବାର ପ୍ଲାଣ୍ଟ ପରିସରରେ ଏକ ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟ ଭିତରେ ଥିବା ଇଣ୍ଡଷ୍ଟ୍ରିଆଲ ଏନର୍ଜି ଲିମିଟେଡ (ଆଇଇଏଲ)ର ଲାଇଟ୍ ଡିଜେଲ ଅଏଲ (ଏଲଡିଓ) ଟାଙ୍କି-୧ ଷ୍ଟୋରେଜରେ ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଏହାର କ୍ଷମତା ପରଖିବା ପାଇଁ ଏକ ପୂର୍ଣ୍ଣାଙ୍ଗ ମକ୍ ଡ୍ରିଲର ଆୟୋଜନ କରାଯାଇଥିଲା । ଜିନ୍ଦଲ ଷ୍ଟେନଲେସ୍, ଭିସା ଷ୍ଟିଲ୍ ଏବଂ ଟାଟା ଷ୍ଟିଲ୍ ଗ୍ରୁପ୍ କମ୍ପାନି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ସମେତ ଏହି ଅଞ୍ଚଳର ଅନ୍ୟ ଇସ୍ପାତ ଉତ୍ପାଦନକାରୀ କମ୍ପାନିମାନେ ପାରସ୍ପରିକ ସହାୟକ ପାର୍ଟନର ଭାବେ ମକ୍ ଡ୍ରିଲରେ ଅଂଶଗ୍ରହଣ କରିଥିଲେ । ପ୍ରକୃତରେ କୌଣସି ଅଗ୍ନିକାଣ୍ଡ ଘଟିନଥିଲେ ସୁଦ୍ଧା ଅଗ୍ନିକାଣ୍ଡ ଘଟଣାର ମୁକାବିଲା ପାଇଁ ବେଳେ ସେଫ୍ଟି, ଅଗ୍ନିଶମ ବାହିନୀ, ମେଡିକାଲ, ସିକ୍ୟୁରିଟି ଆଣ୍ଡ ଅପରେସନ୍ ସମେତ ବିଭିନ୍ନ ଟିମର ପ୍ରସ୍ତୁତି କ୍ଷମତା ନେଇ ଏହି ମକ୍ ଡ୍ରିଲରେ ପରୀକ୍ଷା କରାଯାଇଥିଲା । ଏ ନେଇ ବିଭିନ୍ନ ଦିଗ ଉପରେ ଅନୁକରଣୀୟ ଅବସ୍ଥା ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ମକ୍ ଡ୍ରିଲ୍ ସମୟରେ ଟିମ୍ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚିବା, ଘଟଣା ସ୍ଥଳରୁ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା, ଉପଯୁକ୍ତ ଚିକିତ୍ସା ସହାୟତା ପ୍ରଦାନ କରିବା, ସମାନରୂପୀ ସଙ୍କଟକୁ ଠିକ୍ ସମୟରେ ତଦାରଖ, ଘଟଣାକୁ ନିୟନ୍ତ୍ରଣ କରିବା ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରିସ୍ଥିତିର ମୁକାବିଲା ପାଇଁ ଏହି ମକ୍ ଡ୍ରିଲ ବ୍ୟବହାରିକ ଶିକ୍ଷା ଦେଇଥିଲା । ଟାଟା ଷ୍ଟିଲ କଳିଙ୍ଗନଗର, ଓଡ଼ିଶା ଫ୍ୟାକ୍ଟରିଜ ଓ ବଏଲର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ମକ୍ ଡ୍ରିଲରେ ଯାଜପୁର ରୋଡ ଡିଭିଜନର ଫ୍ୟାକ୍ଟରିଜ ଓ ବଏଲର ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାର, ଯାଜପୁର ରୋଡ ଡିଭିଜନର କାରଖାନା ଓ ବଏଲର ସହକାରୀ ନିର୍ଦ୍ଦେଶକ ଗଣେଶ୍ୱର ମାର୍ଡି, ଜିଲ୍ଲା ରିଜେନ୍ସି ଅଫିସର ଅଶୋକ କୁମାର ବେହେରା, ଫାୟାର ଷ୍ଟେସନ ଇନ-ଚାର୍ଜ ରମାକାନ୍ତ ମଲ୍ଲିକ, ଦାନଗଦିର, କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗର ଓ ଆଇଇଏଲର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।


**ପୌର ପରିଷଦ କାର୍ଯ୍ୟାଳୟ,ଗୁଣୁପୁର**

**ସ୍ୱାୟତ୍ତ ଶାସନ ଦିବସ**

**୩୧ ଅଗଷ୍ଟ ୨୦୨୪**

ପବିତ୍ର ନିଖିଳ ଭାରତ ସ୍ୱାୟିତ୍ତ ଶାସନ ଦିବସ -୨୦୨୪ ଉପଲକ୍ଷେ ଗୁଣପୁର ବାସିଙ୍କୁ ପୌର ପରିଷଦ ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ପରିଷଦକୁ ସ୍ୱଚ୍ଛ, ସୁନ୍ଦର, ବିକାଶଶୀଳ ଓ ସୁବ୍ୟବସ୍ଥିତ କରିବା ଲାଗି ଆପଣମାନଙ୍କର ସହଯୋଗ ଅପରିହାର୍ଯ୍ୟ। ପୌର ପରିଷଦ ଗୁଣପୁର ସର୍ବଦା ଆପଣଙ୍କ ସେବାରେ।

**ବାର୍ତ୍ତା**

୧. ଆପଣଙ୍କ ଗୃହ ଟିକସ ଓ ଲାଇସେନ୍ସ ଫିକ୍ ସୁଯୋଗ ପୋର୍ଟାଲ୍ ଅନଲାଇନ୍ ମାଧ୍ୟମରେ ପୈଠ କରନ୍ତୁ।
୨.ଗୃହ ନିର୍ମାଣ ଉପାଦାନ ଯଥା ଇଟା,ବାଲି ଏବଂ ଗୋଡ଼ି ରାସ୍ତା କଡ଼ରେ ଜମା କରନ୍ତୁ ନାହିଁ।
୩.ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ।
୪. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ରାସ୍ତା ଉପରେ ଗୃହପାଳିତ ପଶୁକୁ ଅନଅଧିକାର ଭାବରେ ଛାଡ଼ନ୍ତୁ ନାହିଁ ।
୬. ପ୍ଲାଷ୍ଟିକ ଗ୍ଲାସ, ବୋତଲ, ପଲିଥିନ ବ୍ୟବହାର କରିବା ବନ୍ଦ କରନ୍ତୁ ।
୭. ନିଜ ପାଇଖାନା ଟାଙ୍କିରୁ ନିର୍ଗମିତ ବର୍ଜ୍ୟବସ୍ତୁ ଏଣେତେଣେ ନପକାଇ ପୌର ପରିଷଦର ସେସପୁଲ ମାଧ୍ୟମରେ ସଫା କରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ ।

।। ଶ୍ରଦ୍ଧାର ସହ ।।
ଆପଣଙ୍କ ଗୁଣମୁଗ୍ଧ

ଶ୍ରୀମତୀ ମମତା ଶୌଢ଼
ଅଧ୍ୟକ୍ଷା, ଗୁଣୁପୁର ପୌର ପରିଷଦ

ଶ୍ରୀ ଶିବ ପ୍ରସାଦ ଶୌଢ଼
ଉପାଧ୍ୟକ୍ଷ, ଗୁଣୁପୁର ପୌର ପରିଷଦ

ଶ୍ରୀ ମନୋଜ କୁମାର ଡାଣ୍ଡି
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଗୁଣୁପୁର ପୌର ପରିଷଦ

ପୌର ପରିଷଦର ସମସ୍ତ ପାରିଷଦ ବୃନ୍ଦ



**ପୌର୍ ପରିଷଦ କାର୍ଯ୍ୟାଳୟ, ଖୋର୍ଧା**


ନିଖିଳ ଭାରତ ସାୟତ୍ତ ଶାସନ ଦିବସ – ୨୦୨୪ ଅବସରରେ ଖୋରଧାର ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

**ଆମ ପଦକ୍ଷେପ**


ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ପାଳନ ଅବସରରେ ଐତିହାସିକ ବରୁଣେଇ ପୀଠର ସୌନ୍ଦର୍ଯ୍ୟ କରଣ ।
ବିଭିନ୍ନ ଯୋଜନାରେ ପକ୍କାଘର, ପାଇଖାନା, ବସ୍ତି ବାସିନ୍ଦାଙ୍କୁ ଥଇଥାନ ପାଇଁ ପ୍ରୟାସ ।
ଉନ୍ନତି ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ।
ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

**ପୌର ବାସୀଙ୍କୁ ଅନୁରୋଧ**


ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୋହାର୍ଦ୍ଦପୂର୍ଣ୍ଣ ଖୋରଧା ଗଢ଼ିବା ।
ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ ।
ପଲଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ ।
ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ ।
ଆସନ୍ତୁ ଖୋରଧା ସହରକୁ ସବୁଜ ସଜ ରୂପେ ଗଢି ତୋଳିବା ।



ରିଜ୍ୱାନା କବ୍ଦ୍, (ଓ.ପ୍ରେ.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା



ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି
ପୌରାଧ୍ୟକ୍ଷା
ପୌର ପରିଷଦ, ଖୋରଧା



ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି
ଉପାଧ୍ୟକ୍ଷ
ପୌର ପରିଷଦ, ଖୋରଧା

ଏବଂ ସମସ୍ତ ସଭ୍ୟ - ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା



୧୦୦ ମିଟରରେ ପ୍ରୀତି ୧୪.୨୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହା ଥିଲା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ପ୍ୟାରିସ୍ ପାରା ଆଥ୍ଲେଟିକ୍ସରେ ଭାରତର ଏହା ହେଉଛି ପ୍ରଥମ ପଦକ। ଚାଇନାର ଝୋଉ ଜିଆ (୧୩.୫୮) ଓ ଗୁଓ କିଆନକିଆନ (୧୩.୭୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି।

# ବରିନ୍ଦର ଶରନ ନେଲେ ସନ୍ୟାସ



ନୂଆଦିଲ୍ଲୀ,୩୦।୮: ଗୋଟିଏ ପରେ ଗୋଟିଏ ଭାରତୀୟ ଖେଳାଳି ଅବସର ଘୋଷଣା କରୁଥିବା ଦେଖାଯାଉଛି ନିକଟରେ ଶିଖର ଧାନ ଅବସର ଘୋଷଣା କରିଥିଲେ ବର୍ତ୍ତମାନ ଜସପ୍ରୀତ ବୁମ୍ରାଙ୍କ ସହ କ୍ୟାରିୟର ଆରମ୍ଭ କରିଥିବା ଦ୍ରୁତ ବୋଲର ବରିନ୍ଦର ଶରନ ଅନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେଇଛନ୍ତି ୩୧ ବର୍ଷିୟ ବରିନ୍ଦରଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଅଧିକ ଦିନ ରହିଲା ନାହିଁ।

ଭାରତୀୟ ବୋଲର ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧମରେ ଅବସର ଘୋଷଣା କରିଛନ୍ତି ତାଙ୍କ ପୋଷ୍ଟରେ ସେ କହିଛନ୍ତି, ବକ୍ସରଠାରୁ ଦ୍ରୁତ ବୋଲର ହେବା ତାଙ୍କ ପାଇଁ କିପରି ସଫଳ ହେଲା ସେ ୨୦୦୯ରେ ବକ୍ସିଂରୁ କ୍ରିକେଟକୁ ଆସିଥିଲେ।

ତାଙ୍କ ପୋଷ୍ଟରେ ସେ ଲେଖିଛନ୍ତି, ୨୦୦୯ରେ ବକ୍ସିଂରୁ ଆସିବା ପରେ କ୍ରିକେଟ ମୋତେ ଅସଂଖ୍ୟ ଏବଂ ଅଦ୍ଭୁତ ଅନୁଭୂତି ଦେଇଛି ଫାଷ୍ଟ ବୋଲିଂ ମୋ ପାଇଁ ଲକି ଚାର୍ମ ହୋଇଗଲା ଏବଂ ଆଇପିଏଲ ଫ୍ରାଞ୍ଚାଇଜ ପ୍ରତିନିଧି କରିବା ପାଇଁ ଦ୍ୱାର ଖୋଲିଗଲା। ଶେଷରେ ୨୦୧୬ରେ ଭାରତର ପ୍ରତିନିଧି କରିବାର ସର୍ବୋଚ୍ଚ ସମ୍ମାନ ମିଳିଲା।

୨୦୧୬ରେ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ବରିନ୍ଦର ୬ଟି ଦିନିକିଆ ଏବଂ ୨ଟି-୨୦ ଅନ୍ତର୍ଜାତୀୟ ଖେଳିଥିଲେ ସେ ଦିନିକିଆରେ ୭ ଉଇକେଟ୍ ନେଇଥିଲେ, ସେଥିମଧ୍ୟରୁ ୩/୫୬ ଶ୍ରେଷ୍ଠ ଥିଲା ।ଏହା ବ୍ୟତୀତ ସେ ଟି-୨୦ ଇଣ୍ଟରନ୍ୟାସନାଲରେ ୬ଟି ଉଇକେଟ୍ ନେଇଥିଲେ ।ଯେଉଁଥିରେ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ୪/୧୦ ଥିଲା। ସୂଚନାଯୋଗ୍ୟ ଯେ, ବରିନ୍ଦର ପଞ୍ଜାବ ପାଇଁ ଫାଷ୍ଟ କ୍ଲାସ୍ କ୍ରିକେଟ ଖେଳୁଥିଲେ ସେ ତାଙ୍କ କ୍ୟାରିୟରରେ ମୋଟ ୧୦ ଫାଷ୍ଟ କ୍ଲାସ୍ ଏବଂ ୩୧ ତାଲିକା ଏ ମ୍ୟାଚ ଖେଳିଥିଲେ ଫାଷ୍ଟ କ୍ଲାସ୍‌ର ୨୮ ଇନିଂସରେ ବୋଲିଂ କରିସେ ୪୭ ଉଇକେଟ୍ ନେଇଥିବାବେଳେ ତାଲିକା ଏ ର ୩୧ ଇନିଂସରେ ୪୫ ଉଇକେଟ୍ ନେଇଥିଲେ।






ରୌପ୍ୟ ପଦକ ଜିଣିଥିବା ଶୁଟର ମନୀଷ ନରୱାଲ ଓ ବ୍ରୋଞ୍ଜ ପଦକହାଲକାରୀ ଶୁଟର ମୋନା ଅଗ୍ରୱାଲ।

# ଅବନୀ ଲେଖରା କିଏ ?

ନୂଆଦିଲ୍ଲୀ,୩୦।୮: ମହିଳା ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଭାରତର ଅବନୀ ଲେଖରା ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି ।ଅନ୍ତିମ ରାଉଣ୍ଡରେ ୨୪୯.୭ ସ୍କୋର କରି ଅବନୀ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ଦେଇଛନ୍ତି। ଅବନୀଙ୍କ ଏହି ବିଜୟ ମଧ୍ୟ ଐତିହାସିକ କାରଣ ସେ ଏକ ନୂତନ ପାରାଲିମ୍ପିକ ରେକର୍ଡ କରିଛନ୍ତି।




ଶେଷ ଶଟ୍ ପର୍ଯ୍ୟନ୍ତ ଦକ୍ଷିଣ କୋରିଆର ୟୁନରୀ ଲି ଏବଂ ଅବନୀଙ୍କ ମଧ୍ୟରେ କଡା ପ୍ରତିଯୋଗିତା ହୋଇଥିଲା। ଶେଷ ଶଟ ପର୍ଯ୍ୟନ୍ତ ଭାରତର ଅବନୀ ରୌପ୍ୟ ପଦକ ସ୍ଥିତିରେ ରହିଥିଲେ, କିନ୍ତୁ ଶେଷ ଶଟ୍‌ରେ ଭାରତୀୟ ଶୁଟର ୧୦.୫ ସ୍କୋର କରିଥିଲେ।

ଅବନୀ ଲେଖରା ମାତ୍ର ୧୯ ବର୍ଷ ବୟସରେ ଟୋକିଓ ପାରାଲିମ୍ପିକ୍ସରେ ଭାଗ ନେବାକୁ ପହଞ୍ଚିଥିଲେ ସେଠାରେ ସେ ଫାଇନାଲରେ ୨୪୯.୬ ସ୍କୋର କରି ସ୍ୱର୍ଣ୍ଣ ପଦକ ଜିତି ଏକ ନୂତନ ପାରାଲିମ୍ପିକ ରେକର୍ଡ ସ୍ଥାପନ କରିଥିଲେ ବର୍ତ୍ତମାନ ପ୍ୟାରିସ ପାରାଲିମ୍ପିକ୍ସରେ ଅବନୀ ୨୪୯.୭ ସ୍କୋର କରି ନିଜର ରେକର୍ଡକୁ ବଜାୟ ରଖିଛନ୍ତି।

ଲଗାତାର ଦୁଇଟି ପାରାଲିମ୍ପିକ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅବନୀ ଲେଖରା ବର୍ତ୍ତମାନ ପ୍ରଥମ ଭାରତୀୟ ଶୁଟର ହୋଇଛନ୍ତି। ତାଙ୍କ ପୂର୍ବରୁ, ଆଜି ପର୍ଯ୍ୟନ୍ତ ଭାରତର କୌଣସି ସୁଟର ଏହା କରିପାରିନାହାଁନ୍ତି, ଯିଏ ଲଗାତାର ଦୁଇଟି ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପାରାଲିମ୍ପିକ୍ସ ୨୦୨୪ରେ ଅବନୀ ଲେଖରାଙ୍କ ଚ୍ୟାଲେଞ୍ଜ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। କାରଣ ସେ ମହିଳା ୫୦ ମିଟର ରାଇଫଲ ୩ ପୋଜିସନରେ ପଦକ ପାଇଁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅବନୀ ଗତଥର ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିଲେ, କିନ୍ତୁ ଏଥର ସେ ତାଙ୍କ ପଦକର ରଙ୍ଗ ପରିବର୍ତ୍ତନ କରିବାକୁ ଚାହୁଁଛି।

# ‘ପାଣ୍ଡ୍ୟାଙ୍କୁ ବହୁତ ଭଲ ପାଏ’

ମୁମ୍ବାଇ,୩୦।୮: ଭାରତୀୟ କ୍ରିକେଟ ଦଳର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ପୂର୍ବତନ ସ୍ତ୍ରୀ ନତାଶା ଷ୍ଟାନକୋଭିକଙ୍କ ଜୁଲାଇରେ ଛାଡପତ୍ର ଦେଇଥିଲେ ମାତ୍ର ଦେଢ଼ ମାସ ମଧ୍ୟରେ ତାଙ୍କ ନାମ ୩ ଅଭିନେତ୍ରୀଙ୍କ ସହ ଯୋଡି ହେଲାଣି ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚେଣ୍ଟଙ୍କ ବିବାହ ସମୟରେ ଅନନ୍ୟା ପାଣ୍ଡେଙ୍କ ସହ ତାଙ୍କ ସମ୍ପର୍କ ଖବର ଚର୍ଚ୍ଚା ହୋଇଥିଲା। କିଛି ଦିନ ପୂର୍ବରୁ ଅଭିନେତ୍ରୀ ଜସ୍ମିନ ୱାଲିଆଙ୍କ ସହ ଡେଟିଂ ଖବର ମଧ୍ୟ ଆସିଥିଲା। ବର୍ତ୍ତମାନ ବଲିଉଡ ଅଭିନେତ୍ରୀ ଇଶିତା ରାଜ ପାଣ୍ଡ୍ୟାଙ୍କୁ ତାଙ୍କ କ୍ରସ ବୋଲି କହିଛନ୍ତି ସେ ଆହୁରି ମଧ୍ୟ ସ୍ୱୀକାର କରିଛନ୍ତି, ସେ କୋ ପାଣ୍ଡ୍ୟାଙ୍କୁ ବହୁତ ପସନ୍ଦ କରନ୍ତି।



ଏକ ସାକ୍ଷାତକାରରେ ଇଶିତା କହିଛନ୍ତି, ମୁଁ ପାଣ୍ଡ୍ୟାଙ୍କୁ ବହୁତ ପସନ୍ଦ କରନ୍ତି ସେ ଜଣେ ଜବରଦସ୍ତ କ୍ରିକେଟ ଅଲରାଉଣ୍ଡର ମୁଁ ତାଙ୍କୁ ବହୁତ ଭଲ ପାଏ । ସତ କହିବାକୁ ଗଲେ ସେ ମୋର ପ୍ରିୟ କ୍ରିକେଟରମାନଙ୍କ ମଧ୍ୟରୁ ଜଣେ।

ଇଶିତା ତାଙ୍କଠାରୁ ୪ ବର୍ଷ ବଡ। ପାଣ୍ଡ୍ୟାଙ୍କୁ ୩୦ ବର୍ଷ ହୋଇଥିବାବେଳେ ଇଶିତାଙ୍କୁ ୩୪ ବର୍ଷ ବୟସ। ସେ ଦିଲ୍ଲୀର ବାସିନ୍ଦା ଏବଂ ଗାର୍ଗୀ କଲେଜରୁ ସ୍ନାତକ ହାସଲ କରିବା ପରେ ସେ ଇଂଲଣ୍ଡରେ ଅଧ୍ୟୟନ କରିଛନ୍ତି ଇଶିତା ।୨୦୧୧ରେ ପ୍ୟାର କା ପଞ୍ଚନାମା ଚଳଚ୍ଚିତ୍ର ସହିତ ବଲିଉଡରେ ପ୍ରବେଶ କରିଥିଲେ। ଏହା ପରେ ସେ ସୋନୁ କେ ଟିଟୁ କି ସ୍ୱିଟି ଭଳି ପ୍ରସିଦ୍ଧ ଚଳଚ୍ଚିତ୍ରରେ କାମ କରିଥିଲେ। ସେ ବର୍ତ୍ତମାନ ପର୍ଯ୍ୟନ୍ତ ୯ଟି ଫିଲ୍ମ କରିଛନ୍ତି ।ଆଇପିଏଲ ୨୦୨୪ ପରଠାରୁ ହାର୍ଦ୍ଦିକ ପାଣ୍ଡ୍ୟା କ୍ରମାଗତ ଭାବରେ ଚର୍ଚ୍ଚାରେ ରହିଆସିଛନ୍ତି। ଏହାପୂର୍ବରୁ ରୋହିତ ଶର୍ମାଙ୍କ ସହ ଅଧିନାୟକ ବିବାଦ ହେତୁ ସେ ଅନେକ ଦିନ ଚର୍ଚ୍ଚାରେ ରହିଥିଲେ। ତାପରେ ଟି-୨୦ ବିଶ୍ୱକପ ୨୦୨୪ରେ ବିଜୟର ହିରୋ ହୋଇଥିଲେ।

# ଦେବାଶିଷ ନାଗାଲାଣ୍ଡ ପ୍ରଶିକ୍ଷକ

ଭୁବନେଶ୍ୱର,୩୦।୮: ପୂର୍ବତନ ଭାରତୀୟ ଦ୍ରୁତ ବୋଲର ତଥା ପୂର୍ବତନ ଜାତୀୟ ଚୟନକର୍ତ୍ତା ଦେବାଶିଷ ମହାନ୍ତି ଘରୋଇ ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ନାଗାଲାଣ୍ଡ ବରିଷ୍ଠ ପୁରୁଷ କ୍ରିକେଟ୍ ଦଳର ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଏହା ସ୍ପଷ୍ଟ କରିଛନ୍ତି ନାଗାଲାଣ୍ଡ କ୍ରିକେଟ୍ ସଂଘ ସମ୍ପାଦକ ହ୍ୟୁନିଲୋ ଆନିଲୋ ଖିଙ୍ଗ। ସେ କହିଛନ୍ତି ଯେ ଗତ ଦୁଇ ଦୁଇ ବର୍ଷ ଆମର ମୁଖ୍ୟ ପ୍ରଶିକ୍ଷକ ଆର୍.ଏକ୍ସ ମୁରଲୀ ମୁଖ୍ୟ ପ୍ରଶିକ୍ଷକ ଥିଲେ ଏବେ ସମୟ ବଦଳିଛି ।ଆମେ ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ପ୍ରଶିକ୍ଷକ କରିବାକୁ ଚାହୁଥିଲୁ।



କାରଣ ତାଙ୍କ ଅଭିଜ୍ଞତା ଆମ ଖେଳାଳିଙ୍କ ପାଇଁ ସହାୟକ ହେବ ମହାନ୍ତି ସବୁଠୁ ଭଲ ପ୍ରାର୍ଥୀ ।ଗତ କିଛି ବର୍ଷ ହେବ ଆମ ଖେଳାଳିଙ୍କ ଉନ୍ନତି ହେଉଛି। ଆମର ବିଶ୍ୱାସ, ମହାନ୍ତିଙ୍କ ତତ୍ତ୍ୱାବଧାନରେ ଦଳ ଆହୁରି ଉନ୍ନତ ପ୍ରଦର୍ଶନ କରିବ ଦେବାଶିଷ ଭାରତ ପକ୍ଷରୁ ୨ ଟେଷ୍ଟ୍ ଓ ୪୫ ଦିନିକିଆ। ଖେଳିଛନ୍ତି। ଏଥିସହ ସେ ନିଜ ଘରୋଇ ଦଳ ଓଡ଼ିଶା ସହ ବିଭିନ୍ନ ଦଳର ପ୍ରଶିକ୍ଷକ ରହିବାର ଅଭିଜ୍ଞତା ରଖିଛନ୍ତି ଜାତୀୟ କନିଷ୍ଠ ଦଳ ଚୟନକର୍ତ୍ତା ମଧ୍ୟ ସେ ରହିଛନ୍ତି। ଦେବାଶିଷ ମୁଖ୍ୟ ପ୍ରଶିକ୍ଷକ ଏବଂ ପୂର୍ବତନ ଗୋଆ ଅଧିନାୟକ ସ୍ୱପ୍ନିଲ ଆସନୋଡ୍‌କର ବ୍ୟାଟିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି।

# ସଚିନଙ୍କ ପୁଅ କଲେ କମାଲ୍

ମୁମ୍ବାଇ,୩୦।୮ :କ୍ରିକେଟରେ ସଚିନ ତେନ୍ଦୁଲକରଙ୍କ କାରନାମା ବିଷୟରେ ସମସ୍ତେ ଅବଗତ ତାଙ୍କ କ୍ୟାରିୟରରେ କେତେ ଥର ସେ ଚମତ୍କାର ଇନିଂସ ସହ ଦଳକୁ ବଞ୍ଚାଇଥିଲେ। ବର୍ତ୍ତମାନ ତାଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ମଧ୍ୟ ସମାନ ପଦାଙ୍କ ଅନୁସରଣ କରିଛନ୍ତି ଏବଂ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି ବ ଅର୍ଜୁନ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଅନେକ ଭିଡିଓ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ଛକା ଏବଂ ଚୌକା ବର୍ଷା କରୁଥିବା ନଜର ଆସିଛନ୍ତି। ଏହି ବିସ୍ଫୋରକ ଇନିଂସ ଯୋଗୁ ନିଜ ଟିମ୍‌କୁ ରକ୍ଷା କରିଥିଲେ। ଭିଡିଓରେ ଦେଖାଯାଇଛି ଯେ, ଏକଦା ଅର୍ଜୁନଙ୍କ ଦଳ ୮୭ ରନରେ ୫ ଉଇକେଟ ହରାଇଥିଲା। ତାପରେ ଅର୍ଜୁନ ୫ ରନ୍‌ରେ ବ୍ୟାଟିଂ କରୁଛନ୍ତି ପରବର୍ତ୍ତୀ ଭିଡିଓରେ ତାଙ୍କ ଦଳର ସ୍କୋର ୯ ଉଇକେଟ ହରାଇ ୨୧୯ରେ ପହଞ୍ଚିଛି। ସେ ୪୭ରେ ବ୍ୟାଟିଂ କରୁଛନ୍ତି ଅର୍ଥାତ୍ ସେ ଏକ ଚମତ୍କାର ଇନିଂସ ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରକୁ ନେଇଥିଲେ ଦଏହି ସ୍କୋର ଏବଂ ଭିଡିଓଗୁଡିକୁ ଦେଖିଲେ ।ଏହା କୁହାଯାଇପାରେ ଯେ ଅର୍ଜୁନ ଦଳ ପାଇଁ ଚମତ୍କାର ଖେଳିଛନ୍ତି।


ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ
ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪- ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ



ଶ୍ରୀମତୀ ସୁକାନ୍ତି ପାଇକରାୟ
ଅଧ୍ୟକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ

- ଆମେ ସମସ୍ତେ ମିଳିମିଶି ସଂକଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା, ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନ ରଖିବା ତେବେ ଯାଇ ଆମ୍ଭେ ମଶା, ମାଛି ମାନଙ୍କ ବାରୁ ରକ୍ଷା ପାଇବା।
- ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରିବା।
- ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଓ ପଲିଥିନ୍ କୁ ସମ୍ପୂର୍ଣ୍ଣ ବର୍ଜନ କରିବା
- ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧୀନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରିବା ।
- ସରକାରୀ ନାଳ, ନର୍ଦ୍ଦମା ଓ ରାସ୍ତାଘାଟକୁ ଅବରୋଧ କରିବା ନାହିଁ।
- ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତାଘାଟକୁ ଛାଡନ୍ତୁ ନାହିଁ।
- ଦୋକାନ ଘରର ଟ୍ରେଡ୍, ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇବା।


ପ୍ରାଣନାଥ ଶେଠ୍, ଓ.ରା.ସେ.
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ

ଭଗବାନ ପ୍ରଧାନ
ଉପାଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ



ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଓ ପଶ୍ଚିମ ଓଡିଶାର ପବିତ୍ର ଗଣପର୍ବ ନୂଆଖାଇ ୨୦୨୪ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ର ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛୁ। ଏହି ଅବସରରେ ସମସ୍ତେ ନିଜ ନିଜର ସ୍ୱାସ୍ଥ୍ୟ, ପରିବେଶ କୁ ସ୍ୱଚ୍ଛ ଓ ନିର୍ମଳ କରି ଗଢ଼ି ତୋଳିବା ପାଇଁ ଆମର ଅନୁରୋଧ ।



ଶ୍ରୀମତୀ ଲିକା ସାହୁ
ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର



ଗାୟତ୍ରୀ ଭୋଇ
ଉପ-ପୌରାଧ୍ୟକ୍ଷା
ପୌରସଂସ୍ଥା, ବଲାଙ୍ଗିର





“ସ୍ୱଚ୍ଛ ସୁନାବେଡା ସୁସ୍ଥ ସୁନାବେଡା”

ପୌର ପରିଷଦ କାର୍ଯ୍ୟାଳୟ ସୁନାବେଡା

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ସୁନାବେଡା ପୌରପରିଷଦ ତାର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସମସ୍ତ ଭାଇ ଭଉଣୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣାବେକ୍ଷଣ ନିମନ୍ତେ ସହଯୋଗର ହାତ ବଢାନ୍ତୁ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା।

ଶ୍ରୀଯୁକ୍ତ ନାରାୟଣ ନାୟକ, ଓ.ରା.ସେ
ନିର୍ବାହୀ ଅଧିକାରୀ
ପୌର ପରିଷଦ, ସୁନାବେଡା

ଡ. ରାଜେନ୍ଦ୍ର କୁମାର ପାତ୍ର
ନଗରପାଳ
ପୌର ପରିଷଦ, ସୁନାବେଡା

ଶ୍ରୀମତୀ ରିତୁ କଣ୍ଡା
ଉପ ନଗରପାଳ
ପୌର ପରିଷଦ, ସୁନାବେଡା

ସମସ୍ତ ପାରିଷଦ ବୃନ୍ଦ
ପୌର ପରିଷଦ, ସୁନାବେଡା


Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ